**ସଂକ୍ଷେପରେ**

## ସାଧାରଣ ନିର୍ବାଚନ ପାଇଁ ଜିଲାରେ ୧୪୩୮ ବୁଥ୍

**କେନ୍ଦ୍ରାପଡା ଅଫିସ, ୧୧।୩ :** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଭୋଟରଙ୍କ ନାମ ପଞ୍ଜୀକରଣ ଚାଲିଛି। ଜାନୁୟାରୀ ୨୧ ସୁଦ୍ଧା ୧୧୭୯୯୦୨ ଭୋଟରଙ୍କ ନାମ ପଞ୍ଜୀକୃତ ହୋଇଛି । ଏଥିସହ ନିର୍ବାଚନ ପାଇଁ ଜିଲାର ୧୪୩୮ ବୁଥକୁ ପ୍ରସ୍ତୁତ କରାଯାଇଛି ବୋଲି ଜିଲାପାଳ ଦାଶରଥି ଶତପଥୀ ସୋମବାର ସୂଚନା ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶତପଥୀ କହିଥିଲେ ଯେ, ନାମ ପଞ୍ଜୀକରଣ ଅଦ୍ୟାବଧି ଚାଲୁ ରହିଛି । ସାଧାରଣ ନିର୍ବାଚନ ପ୍ରାର୍ଥୀପତ୍ର ନାମାଙ୍କନର ୧୦ ଦିନ ପୂର୍ବରୁ ଭୋଟରଙ୍କ ନାମ ପଞ୍ଜୀକରଣ ବନ୍ଦ କରାଯିବ । ସାଧାରଣ ନିର୍ବାଚନ ନିମନ୍ତେ ନିର୍ବାଚନ କମିଶନ ରବିବାର ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏଥିପାଇଁ ସୋମବାର ଜିଲାର ୯ ବ୍ଲକ ଓ ୨ଟି ପୌରପାଳିକା କାର୍ଯ୍ୟାଳୟରୁ ରେଜିଷ୍ଟରକୁ ଦସ୍ତଖତ କରାଯାଇ ଉନ୍ନୟନ କାର୍ଯ୍ୟାଦେଶକୁ ସ୍ଥଗିତ ରଖାଯାଇଛି । ସେହିପରି ସହର ଓ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ରାଜନୈତିକ ଦଳର ହୋର୍ଡିଂକୁ ଉଚ୍ଛେଦ କରାଯାଇଛି । ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ କୌଣସି ସୂଚନା ମିଳିଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏହି ଅବସରରେ ଜିଲାପାଳ ପ୍ରକାଶ କରିଥିଲେ । ଏଥିସହ ପ୍ରାର୍ଥୀଙ୍କ ପ୍ୟାନ କାର୍ଡ, ଇନକମ ଟ୍ୟାକ୍ସ ରିଟର୍ନ, ଆପରାଧିକ ଭିତ୍ତିଭୂମୀ ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ । ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସେ ସୂଚନା ଦେଇଥିଲେଯେ, ୧୪୩୮ଟି ବୁଥ ପାଇଁ ବିଏଲଓଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ୧୪୦ ସୁପରଭାଇଜର ଓ ୧୪୩ ସେକ୍ଟର ପୋଲିସ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି । ୮ଟି ବୁଥରେ ବିଦ୍ୟୁତ ସଂଯୋଗ ଅଦ୍ୟାବଧି ହୋଇ ପାରି ନ ଥିବାବେଳେ ସମସ୍ତ ବୁଥରେ ର୍ୟାମ୍ପ, ପାନୀୟ ଜଳ ଯୋଗାଣ, ଆସବାବପତ୍ର, ଅପେକ୍ଷା କକ୍ଷ ଓ ପାଇଖାନାର ବନ୍ଦୋବସ୍ତ କରାଯାଇଛି । ଭିନ୍ନକ୍ଷମଙ୍କ ସହାୟତା ପାଇଁ ୧୪ରୁ ୧୮ ବର୍ଷର ୫୦୦ ପିଲାଙ୍କୁ ସ୍ୱେଚ୍ଛାସେବୀ ଭାବେ ଗ୍ରହଣ କରାଯାଇଛି । ଜିଲାରେ ୧୪୩ଟି ସମ୍ବେଦନଶୀଳ ବୁଥ ରହିଛି । ଏଥିରେ ୱେବ କାଷ୍ଟିଂ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ସେହିପରି ୨୮ ବୁଥରେ ସିସିଟିଭି, ୭୦ ବୁଥରେ ମାଇକ୍ରୋ ଅବଜରଭର ଓ ୩୪ଟି ବୁଥରେ ଭିଡିଓଗ୍ରାଫି ପାଇଁ ବନ୍ଦୋବସ୍ତ କରାଯାଇଛି । ଏହି ସମ୍ମିଳନୀରେ ଏଡିଏମ ବସନ୍ତ କୁମାର ରାଉତଙ୍କ ସମେତ ନିର୍ବାଚନ ପରିଚାଳନା ଅଧିକାରୀମାନେ ସାମିଲ ହୋଇଥିଲେ ।

### ଭାଜପାରେ ଯୋଗଦାନ ପରେ ବୈଜୟନ୍ତଙ୍କ କେନ୍ଦ୍ରାପଡ଼ା ଗସ୍ତ

# ବିଜୁବାବୁଙ୍କୁ ଭୁଲିଛି ବିଜେଡି

**କେନ୍ଦ୍ରାପଡା ଅଫିସ, ୧୧।୩**

ବିଜେଡି ତା'ର ମୂଳ ଲକ୍ଷ୍ୟ ଓ ଆଦର୍ଶକୁ ଭୁଲିଯାଇଛି । ଭାଜପା ସହ ମେଣ୍ଟ ଭାଙ୍ଗିବା ପରେ ବିଜେଡି ଗୁଣ୍ଡାଗର୍ଦ୍ଦିକୁ ଓହ୍ଲାଇଯାଇଛି । ବିଜୁବାବୁଙ୍କ ମୃତ୍ୟୁ ପରେ ଗଠନ ହୋଇଥିବା ବିଜେଡିରେ ଗତ କିଛି ବର୍ଷ ଧରି ବିଶୃଙ୍ଖଳାକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ସାଧାରଣ ଜନତାଙ୍କ ବିକାଶକୁ ରୋକାଯାଉଛି । ଫଳରେ ଜନତାଙ୍କର କୌଣସି ବିକାଶ ହୋଇପାରୁନାହିଁ। କେନ୍ଦ୍ରାପଡାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଭାଜପାରେ ଯୋଗଦେବା ପରେ ସୋମବାର ବିଜେଡି ବିରୋଧରେ ଏଭଳି ମନ୍ତବ୍ୟ ଦେଇଛନ୍ତି।

ଭାଜପାରେ ଯୋଗ ଦେବାସହ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଓ ପ୍ରବକ୍ତା ହେବା ପରେ ଏହା ପଣ୍ଡାଙ୍କ ପ୍ରଥମ କେନ୍ଦ୍ରାପଡା ଗସ୍ତ ଥିଲା। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ନୀତି ଓ ଆଦର୍ଶକୁ ପ୍ରଶଂସା କରିଥିଲେ। ରାଜ୍ୟ ସରକାରଙ୍କୁ ସମାଲୋଚନା କରି ସେ କହିଥିଲେ ଯେ, ରାଜ୍ୟରେ ମହିଳା ଓ ଶିଶୁ କନ୍ୟାଙ୍କ ପ୍ରତି ନିର୍ଯାତନା ବଢ଼ିଚାଲିଛି। କେନ୍ଦ୍ରାପଡା ବିକାଶରେ ବିଜେଡି ବାଧକ ସାଜୁଛି । ଏଠାରେ ନିଯୁକ୍ତି ସୁଯୋଗକୁ କେତେଜଣ ବ୍ୟକ୍ତିଙ୍କ ପ୍ରରୋଚନାରେ ବନ୍ଦ କରାଯାଉଛି । ଦେଶ ବିଦେଶରେ ଦାଦନ ଖଟିବାକୁ ଯାଇ କେନ୍ଦ୍ରାପଡ଼ାର ଶ୍ରମିକମାନେ ନିର୍ଯାତନାର ଶିକାର ହେଉଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। 'ଆୟୁଷ୍ମାନ ଭାରତ' ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରାଯାଉନାହିଁ। ପୋସ୍କୋ ପରି ଶିଳ୍ପ ସଂସ୍ଥାଙ୍କୁ ଗଣ୍ଡଗୋଳ ମାଧ୍ୟମରେ ତଡି ଦିଆଯାଇଛି। ସାଧାରଣ ଜନତାଙ୍କ ବିକାଶ ଅପେକ୍ଷା ଏଠାରେ ପିସି କାରବାରକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ ଅଭିଯୋଗ କରିଥିଲେ । ଏପରିକି ବିଜୁ ଯୁବବାହିନୀ ଗଠନକୁ ନେଇ ସିଏଜି ପ୍ରଶ୍ନ ଉଠାଇଛି ବୋଲି ବୈଜୟନ୍ତ କହିଥିଲେ । ରାଜ୍ୟ ସରକାର ଏବେ ଦୁର୍ନୀତିଗ୍ରସ୍ତ ହୋଇପଡିଥିବାରୁ ପରିବର୍ତ୍ତନ ହେଇଯାଉ ବୋଲି ସେ କହିଥିଲେ। ପଣ୍ଡାଙ୍କ ଗସ୍ତ ଅବସରରେ କେନ୍ଦ୍ରାପଡା ସହରର ଇଚ୍ଛାପୁରସ୍ଥିତ ମାଉସୀମା ମନ୍ଦିର ରଥ ଦାଣ୍ଡରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ସହରର ଦୁହୁରିଆଠାରୁ ସଭାସ୍ଥଳ ପର୍ଯ୍ୟନ୍ତ ଏକ ବାଇକ ରାଲି ଆୟୋଜନ କରାଯାଇଥିଲା । ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭାଜପାର ବରିଷ୍ଠ ନେତା ମନମୋହନ ସାମଲ, ଭୁବନମୋହନ ଜେନା, ବିଷ୍ଣୁ ଦାସ, ଅଲେଖ ଜେନା, ଦୋଳଗୋବିନ୍ଦ ନାୟକ ଓ ଉତ୍କଳ କେଶରୀ ପରିଡା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ସଭାରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ ।




ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିମାନେ।

# ନକଲି ଚା'ପତି, ତେଲ ଜବତ

**ଡେରାବିଶ, ୧୧।୩ (ସ୍ୱ.ପ୍ର.)**

ଚାନ୍ଦୋଳ ଫାଣ୍ଡି ଅଧୀନ ଖରିଦାସାହି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ସୋମବାର ପୋଲିସ ଚଢ଼ାଉ କରି ନକଲି ଚା'ପତି, ନକଲି ଡାବର ଅମଳା ତେଲ ଓ ନିହାର ତେଲ ଜବତ କରିଛି। ଏଥିସହିତ ପ୍ୟାକିଂ ମେଶିନ ଖୋଲା ପାଉଚ୍, ଖାଲି ବୋତଲ, ଲେବିଲିଂ ମେସିନ୍ ଆଦି ଜବତ କରିଛି। ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ସନ୍ଦେହରେ ପୋଲିସ ଜଣେ ଦୋକାନୀଙ୍କୁ ଅଟକ ରଖି ପଚରା ଉଚୁରା କରୁଛି।

ପ୍ରକାଶ ଯେ, ସ୍ଥାନୀୟ ଅଞ୍ଚଳରେ ନକଲି ଟାଟା ଚା' ଓ ଉପରୋକ୍ତ ବ୍ରାଣ୍ଡର ନକଲି ତେଲ ବିଭିନ୍ନ ଦୋକାନରେ ବିକ୍ରି ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହି କମ୍ପାନୀଗୁଡ଼ିକର ଅସଲି ଜିନିଷ ବିକ୍ରି କମି ଯାଉଥିଲା। ଫଳରେ କମ୍ପାନୀ ତରଫରୁ ନକଲି ବ୍ୟବସାୟୀଙ୍କୁ ଧରିବା ପାଇଁ କଲିକତାର ଏକ ଘରୋଇ ଗୁଇନ୍ଦା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଗତ କିଛିଦିନ ଧରି ଏହି ସଂସ୍ଥା ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଦୋକାନରୁ ନମୁନା ସଂଗ୍ରହ କରିଥିଲା। ତେବେ ସୋମବାର ସନ୍ଧ୍ୟାରେ ଏହି ସଂସ୍ଥାର କର୍ମଚାରୀମାନେ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ୍ ସହାୟତାରେ ବିଭିନ୍ନ ଦୋକାନରେ ଚଢ଼ାଉ କରିଥିଲେ। ଏଥିସହିତ ଖରିଦାସାହିସ୍ଥିତ ଏକ ଘରୁ ବହୁ ନକଲି ସାମଗ୍ରୀ ଥିବା ପୋଲିସ ଜାଣିପାରି ସେଗୁଡ଼ିକୁ ଜବତ କରିଥିଲା। ଉକ୍ତ ଘରେ କେହି ପୁରୁଷ ଲୋକ ନଥିବାରୁ ମହିଳା ପୋଲିସଙ୍କ ଦ୍ୱାରା ଚଢ଼ାଉ କରାଯାଇ ଏକ ବସ୍ତା ଟାଟା ପ୍ରିମିୟମ୍ ଚା', ଏକ ବସ୍ତା ନିହାର ନଡ଼ିଆ ତେଲ, ଏକ ବସ୍ତା ଡାବର ଆମଳା, ଏକ ପେଟି ପାମ୍‌ଜିନ୍ ତେଲ ସମେତ ବିଭିନ୍ନ କମ୍ପାନୀର ଖାଲି ବୋତଲ, ପ୍ୟାକିଂ ମେଶିନ୍, ସିଲ୍ ମେଶିନ୍ ଇତ୍ୟାଦି ଜବତ କରାଯାଇଛି। ଏହି ଚଢ଼ାଉରେ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରିଣୀ ଆଲବତୀ ଆରସୁ ମାରାଣ୍ଡି, ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୁଦର୍ଶନ ସାମଲ ଏବଂ ଲଳିତ କୁମାର ନାୟକ, ଅମୀୟ କୁମାର ମହାନ୍ତି ଓ ସନ୍ଧ୍ୟାରାଣୀ ଦାସ ସାମିଲ ହୋଇଥିଲେ। ଅଧିକ ତଦନ୍ତ ପାଇଁ ପୋଲିସ ଜଣେ ଦୋକାନିଙ୍କୁ ଅଟକ ରଖି ପଚରାଉଚୁରା କରୁଛି।



ଜବତ ହୋଇଥିବା ଚା'ପତି ଓ ତେଲ।

## ରାଜନୈତିକ ପୋଷ୍ଟର, ବ୍ୟାନର ହଟାଇଲା ପ୍ରଶାସନ

**ଆଳି, ୧୧।୩ (ଡି.ଏନ୍.ଏ.)**

ନିର୍ବାଚନ ଆଚରଣ ବିଧି ଲାଗୁ ହେବାପରେ ନିୟମାନୁଯାୟୀ ବିଭିନ୍ନ ସ୍ଥାନରେ ଲାଗିଥିବା ସରକାରୀ ଓ ରାଜନେତାଙ୍କ ବିଜ୍ଞାପନ ବ୍ୟାନର, ହୋର୍ଡିଂକୁ ହଟାଇବା ପାଇଁ ଆଳି ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟନୁଷ୍ଠାନ ଆରମ୍ଭ ହୋଇଛି। ଆଳି ତହସିଲଦାର ଓ ବିଡିଓ ଦାୟିତ୍ୱରେ ଥିବା ଜୟନ୍ତ କୁମାର ପୃଷ୍ଟି ସୋମବାର ପୂର୍ବାହ୍ନରୁ ଆଳି ପତ୍ରପୁର ସେତୁଠାରୁ ଗଡଗଡି ସେତୁ ପର୍ଯ୍ୟନ୍ତ ରାସ୍ତାର ପତ୍ରପୁର ସେତୁ, ପତ୍ରପୁର ବଜାର, ସିଙ୍ଗିରି ବଜାର, ଚଣ୍ଡୀ ବଜାର, ବଡବଜାର, ନୂଆବଜାର, ଥାନାଛକ, ଆଠକଣିଆ ଛକ, ବାଲକାଟି ଛକଠାରେ ଲାଗିଥିବା ସମସ୍ତ ସରକାରୀ ବିଜ୍ଞାପନ ଓ ରାଜନେତାଙ୍କ ବିଜ୍ଞାପନକୁ ହଟାଇ ଦେଇଛନ୍ତି। ମଙ୍ଗଳବାର ସୁଦ୍ଧା ଅନ୍ୟାନ୍ୟ ସ୍ଥାନରେ ଲାଗିଥିବା ପୋଷ୍ଟର ହୋର୍ଡିଂକୁଡ଼ିକୁ ହଟାଯିବ ବୋଲି ତହସିଲଦାର ପୃଷ୍ଟି ସୂଚନା ଦେଇଛନ୍ତି।

### ୩ ରାଜନୈତିକ ଦଳ ବିରୋଧରେ ଗର୍ଜିଲେ ଶ୍ରୀକାନ୍ତ

## 'ଓଡ଼ିଶାର ଅର୍ଥନୀତିକୁ ଦୁର୍ବଳ କରାଯାଉଛି'




ସଭାରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୧୧।୩**

ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ କେନ୍ଦ୍ରାପଡାରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ସୋମବାର ସହର ଉପକଣ୍ଠ ତହସିଲ ପଡିଆରେ ସାମାଜିକ ନ୍ୟାୟ ଆନ୍ଦୋଳନ ପକ୍ଷରୁ ଏକ ସଭା ଆୟୋଜନ କରାଯାଇଥିଲା। ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ ରାଜ୍ୟର ୩ ରାଜନୈତିକ ଦଳ ବିରୋଧରେ ଗର୍ଜିଥିଲେ । ସେ କହିଥିଲେ ଯେ, ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗତ ୧୯ ବର୍ଷ ଶାସନ କାଳରେ ଲୁଟ୍ କରାଯାଇଛି। ନିଯୁକ୍ତି ଆଶାୟୀ ଯୁବକଙ୍କ ସଂଖ୍ୟା ରାଜ୍ୟରେ ବୃଦ୍ଧି ପାଇବା ସହ ଓଡ଼ିଶାକୁ ଏକ ଗରିବ ରାଜ୍ୟରେ ପରିଣତ କରାଯାଇଛି । ବିରୋଧୀଦଳ ଆସନରେ ଥିବା କଂଗ୍ରେସ ଓ ଭାଜପା ଦଳର ବରିଷ୍ଠ ସଦସ୍ୟମାନେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ହାତ ମିଳାଇ ଓଡ଼ିଶାର ଅର୍ଥନୀତିକୁ ଦୁର୍ବଳ କରିଛନ୍ତି। ଏଥିସହ ଖଣି ଖାଦାନ ଲୁଟ୍ କରିବାରେ ସହଯୋଗ କରିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏହି ସରକାର ବିଶ୍ୱବିଦ୍ୟାଳୟରେ ପରିଣତ କରିପାରି ନ ଥିବା ବେଳେ ଜିଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବାରେ ବିଫଳ ହୋଇଛି ବୋଲି ସେ କ୍ଷୋଭର ସହ ପ୍ରକାଶ କରିଥିଲେ। ଶ୍ରୀକାନ୍ତ ତାଙ୍କ ବକ୍ତବ୍ୟରେ ଦୀର୍ଘ ୨୩ ବର୍ଷ ପରେ କେନ୍ଦ୍ରାପଡ଼ା ମାଟିରେ ପାଦ ଦେଇଥିବା ଉଲ୍ଲେଖ କରିଥିଲେ । ସଭାରେ ପୂର୍ବତନ ବିଧାୟକ ତଥା ଆନ୍ଦୋଳନର ମୁଖ୍ୟ ଆବାହକ କୃଷ୍ଣଚନ୍ଦ୍ର ସଗରିଆ ଯୋଗଦେଇ ସାମାଜିକ ନ୍ୟାୟ ବିନା ବିକାଶ ସମ୍ଭବ ନୁହେଁ ବୋଲି ଉଲ୍ଲେଖ କରିଥିଲେ । ଯୁବକଙ୍କୁ ଆୟୁଧ କରି ରାଜନେତାମାନେ ବେରୋଜଗାରିକୁ ଅଧିକ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରିଥିଲେ । ଅକ୍ଷୟ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏହି ସଭାର ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ କୁଳମଣି ରାଉତ, ବାବି ଶ୍ରୀଚନ୍ଦନ, ନାରାୟଣ ପ୍ରସାଦ ଜେନା, ବିଷ୍ଣୁ ମହାନ୍ତି, ପ୍ରଶାନ୍ତ ପରିଡ଼ା, ଗଗନ ବିହାରୀ ଜେନା ଓ ରବି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

**THE KHORDHA CENTRAL CO-OP.BANK LTD, KHORDHA**
At/P.O: / Dist:Khordha, Odisha-752055

No.4928 **NOTICE** Date.11.03.2019

1) To
Smt. Sasmita Nayak, Asst. Manager, Ex- B.M.I/C of Balianta Branch. W/O- Sri Pravat Kumar Mohanty, Qr No- IV, RPF-4, Unit-6, Bhubaneswar, Dist- Khordha.
2) Smt. Nibedita Nayak, Asst Manager, Ex- B.M. I/C, City Branch, W/O- Sri Bata Krushna Lenka, Plot No.394/9, Durga Kaberi Niwas, Kananvihar, Phase-1, Patia, BBSR, Dist-Khordha.

Madam,

It is to inform you that, inspite of several letters issued to you in your Present postal address & to your old station along with e-mail for joining in new place of posting where you have been transferred & handing over the details charge to your successor you have not responded till date, for which the day to day Bank Business is hampering.

So, this notice is published in daily newspaper for your information with an advice to join in your new place of posting & handing over details charge within 3 days from the date of publication, otherwise action deemed fit will be initiated against you as per H.R.Policy-2011.

By order of the President.
Sd./- Chief Executive Officer, Khordha C.C.Bank Ltd, Khordha

CLASSIFIED DISPLAY













MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable






## ସଂକ୍ଷେପରେ

### ବିବି ହାଇସ୍କୁଲ ୧୯୭୬ ବ୍ୟାଚ୍‌ର ବନ୍ଧୁମିଳନ

**କୁଜଙ୍ଗ,୧୧।୩(ସ୍ୱ.ପ୍ର):** ଶିକ୍ଷାନୁଷ୍ଠାନ କେବଳ ଏକ ମାଟି, ଗୋଡିରେ ତିଆରି ଘର ନୁହେଁ ଏହା ପ୍ରତି ଛାତ୍ରୀଛାତ୍ରଙ୍କ ମା ସଦୃଶ। ତେଣୁ ଯିଏ ଯେତେ ପ୍ରତିଷ୍ଠିତ ହେଲେ ମଧ୍ୟ ନିଜର ଶିକ୍ଷାନୁଷ୍ଠାନକୁ ଭୁଲିଯିବା ଉଚିତ୍ ନୁହେଁ ବୋଲି କୁଜଙ୍ଗ ସ୍ଥିତ ସର୍ବପୁରାତନ ଶିକ୍ଷାନୁଷ୍ଠାନ ବନବିହାରୀ ହାଇସ୍କୁଲର ୧୯୭୬ ବ୍ୟାଚ୍ ବନ୍ଧୁମିଳନ ଉତ୍ସବରେ ଶିକ୍ଷକମାନେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସ୍ମରଣିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ତତ୍କାଳୀନ ଶିକ୍ଷକ ନୃସିଂହ ତ୍ରିପାଠୀ, ଶ୍ରୀଧର ବେହେରା, ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ର, ଦୀନବନ୍ଧୁ ସେନାପତି, ନିଶାକର ମୁଦୁଲି, କୃଷ୍ଣଚନ୍ଦ୍ର ଶଗଡିଆ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ସରୋଜ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଝରେନ୍ଦ୍ର ପରିଡା, କଣ୍ଣୁ ଚରଣ ସ୍ୱାଇଁ, ବାମଦେବ ସ୍ୱାଇଁ ପ୍ରମୁଖ କର୍ମଚାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅମ୍ବିକା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ବିବରଣୀ ପ୍ରଦାନ କରିଥିଲେ। ଆକାଶବାଣୀ କଣ୍ଠ ଶିଳ୍ପୀ ଜୀବନାନନ୍ଦ ଅଧିକାରୀ ସଙ୍ଗୀତ ପରିବେଷଣ କରିଥିଲେ। ଅଜୟ ପଟ୍ଟନାୟକ, ସ୍ମିତିରଞ୍ଜନ ମହାପାତ୍ର ସଂଯୋଜନା କରିଥିଲେ। ଉତ୍ସବରେ ସୁରେନ୍ଦ୍ର ଦାସ, କେଶବ ଚନ୍ଦ୍ର ପରିଡା, ସୁଧାଂଶୁ ଚୌଧୁରୀ, ଅଧ୍ୟାପକ ଅକ୍ଷୟ କୁମାର ପଲାଇ, କେଦାର ମାହାଳି, ପ୍ରହ୍ଲାଦ ସାହୁ, ବିଜୟ ମହାପାତ୍ର, ବିଜୟ ପ୍ରଧାନ, ବିଜୟ ମିଶ୍ର, ବିଚିତ୍ରାନନ୍ଦ ସ୍ୱାଇଁ, ମିହିର ତ୍ରିପାଠୀ ପ୍ରମୁଖ ଦୀର୍ଘ ୪୩ ବର୍ଷ ତଳର ସ୍ମୃତି ରୋମନ୍ଥନ କରିଥିଲେ।

### ଭାଜପାର ସଂକଳ୍ପ ସମାବେଶ

**କୁଜଙ୍ଗ,୧୧।୩(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ୪ନଂ ଜୋନ୍‌ରେ ଭାଜପାର ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ସୋମବାର ସନ୍ଧ୍ୟା ୭ଟାରେ ନୂଆଗଡ ପଞ୍ଚାୟତ ବାଲିଡିଆ ଗ୍ରାମରେ ଅନୁଷ୍ଠିତ ଏହି ସମାବେଶରେ ପଞ୍ଚାୟତ ପ୍ରମୁଖ ନାରାୟଣ ଦାସ ପୌରୋହିତ୍ୟ କରିଥିଲେ। ଭାଜପା ନେତା ସମ୍ପଦ ସ୍ୱାଇଁ ଯୋଗଦେଇ ଏହି ଜୋନ୍‌ର ପାଣି ନିଷ୍କାସନ, ନିଯୁକ୍ତି ଓ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଭାଜପା କ୍ଷମତାକୁ ଆସିଲେ ଏସବୁ ସମସ୍ୟା ଦୂର କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସେନା କର୍ମଚାରୀ ବିମଳ ପଟ୍ଟନାୟକ, ମଣ୍ଡଳ ଉପସଭାପତି ବାବାଜୀ ସ୍ୱାଇଁ, ପଞ୍ଚାୟତ ସମ୍ପାଦକ ଅଶୋକ ସ୍ୱାଇଁ ପ୍ରମୁଖଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବଗଡିଆ ପଞ୍ଚାୟତ ତାଲିମ୍ପୁର ଠାକୁରାଣୀ ଛକରୁ ସମାବେଶ ପାରାଦୀପ ମଣ୍ଡଳ ସଭାପତି ସଭାପତି ରଶ୍ମିରଞ୍ଜନ ସାମନ୍ତରାୟ ନେତୃତ୍ୱରେ ଆରମ୍ଭ କରାଯାଇଥିଲା। ସୁକାନ୍ତ ରାଉତରାୟ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ, କୃଷକ ମୋର୍ଚ୍ଚା ସଭାପତି ସୁରେଶ ବେହେରା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସେହିପରି କୋଠି ପଂଚାୟତରେ ଭାଗବତ ମଣ୍ଡପ ଛକରେ ଶକ୍ତିକେନ୍ଦ୍ର ପ୍ରମୁଖ ଚନ୍ଦ୍ରମଣୀ ଦାସଙ୍କ ପୌରୋହିତ୍ୟରେ ସମାବେଶ ହୋଇଥିଲା। ମଣ୍ଡଳ ସମ୍ପାଦକ ରମେଶ ବାରିକ, ଯୁବମୋର୍ଚ୍ଚା ସଭାପତି ବାବୁରଞ୍ଜନ ପ୍ରଧାନ ପ୍ରମୁଖ ଆଞ୍ଚଳିକ ସମସ୍ୟା ସମ୍ପର୍କରେ କହିଥିଲେ। ବିଶ୍ୱାଳୀ ପଞ୍ଚାୟତର ଜଗନ୍ନାଥ ମନ୍ଦିର ପାଖରେ ଅନୁଷ୍ଠିତ ସମାବେଶରେ ପଞ୍ଚାୟତ ପ୍ରମୁଖ ବିଜୟ ତରାଇ, ଯୁବ ମୋର୍ଚ୍ଚାର ବିଶ୍ୱଜିତ୍ ତରାଇ, ମହିଳା ମୋର୍ଚ୍ଚା ସଭାପତି ସଞ୍ଜୁକ୍ତା ସାମଲ, ପଦ୍ମଲୋଚନ ଦାସ ଯୋଗଦେଇଥିଲେ। ଭୂତମୁଣ୍ଡାଇ ପଞ୍ଚାୟତ ବଜ୍ରବୁଢୀ ଠାକୁରାଣୀ ଛକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଚରଣ ପଲାଇ, ଯୁବମୋର୍ଚ୍ଚା ସଭାପତି ଦିବ୍ୟଜ୍ୟୋତି ପଲାଇ ଉପସ୍ଥିତ ଥିଲେ।

### ପଶ୍ଚିମାମୁଖୀ ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ

**ମାହାଙ୍ଗା,୧୧।୩(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ଗୁଣ୍ଡୁପୁର ଗ୍ରାମରେ ସୋମବାର ପଶ୍ଚିମାମୁଖୀ ମା'ମଙ୍ଗଳାଙ୍କ ଷଷ୍ଠ ବାର୍ଷିକ ଉତ୍ସବ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଗ୍ରାମର ବହୁ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ଯାଇ ବିରୂପା ନଦୀରୁ ଜଳ ଆଣି ଯଜ୍ଞସ୍ଥଳରେ ଘଟ ସ୍ଥାପନ କରିଥିଲେ। ପରେ ଯଥା ରୀତି ଅନୁସାରେ ବିଶିଷ୍ଟ ପଣ୍ଡିତମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତାଭାବେ ଅନନ୍ତ କୁମାର ସାହୁ ଓ ମୁଖ୍ୟପୂଜକଭାବେ ପଣ୍ଡିତ ଦୀପକ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।






ନିର୍ବାଚନ ଆଚରଣବିଧି ଲାଗୁପରେ ସୋମବାର ନାଉଗାଁ, ପାରାଦୀପ ଓ ରଘୁନାଥପୁରର ବିଭିନ୍ନ ସ୍ଥାନରେ ଲାଗିଥିବା ହୋର୍ଡିଂକୁ ପ୍ରଶାସନ ପକ୍ଷରୁ ହଟାଯାଉଛି।

# ଆଚରଣ ବିଧି ଲାଗୁ ପରେ ହଟିଲା ହୋର୍ଡିଂ

**ରଘୁନାଥପୁର,୧୧।୩(ଡି.ଏନ୍.ଏ.)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ ତାରିଖ ଘୋଷଣା ହୋଇଛି। ଏହି ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହି ପରିପ୍ରେକ୍ଷୀରେ ରଘୁନାଥପୁର ବ୍ଲକ ବିଡିଓ ପଞ୍ଚାନନ ପଟ୍ଟାୟତ ରଘୁନାଥପୁର ବଜାର, ତାରପୁର ବାଇପାସ, ଜଇପୁର ଛକ, ଛପଡ଼ା, ରାଢ଼ଙ୍ଗ ଓ ରେଢୁଆ ଆଦି ସ୍ଥାନରେ ପହଞ୍ଚି ପୋଷ୍ଟର, ବ୍ୟାନର ଓ ହୋର୍ଡିଂକୁ ଉଚ୍ଛେଦ କରାଯାଇଛି। ଜିପିଓ ଧନେଶ୍ୱର କିଷାନ, ତହସିଲ ସୁପରଭାଇଜର ପବିତ୍ର ମଲ୍ଲିକ ଓ ରଘୁନାଥପୁର ଥାନା ପୋଲିସ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଆଚରଣ ବିଧି ଶେଷ ନ ହେବା ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ବ୍ୟାନର ମାରିପାରିବେ ନାହିଁ। ଯଦି କୌଣସି ବ୍ୟକ୍ତି ବା ଦଳ ଏହାକୁ ପାଳନ ନ କରେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ପଟ୍ଟାୟତ କହିଛନ୍ତି।

ରାଜନେତାଙ୍କ ହୋର୍ଡିଂ ଉଠାଇଲା ପ୍ରଶାସନ

**ନାଉଗାଁ,(ସ୍ୱ.ପ୍ର.):** ସାଧାରଣ ନିର୍ବାଚନ ପାଇଁ ରବିବାର ଆଚରଣ ବିଧି ଲାଗୁ ହେବା ପରେ ନେତାଙ୍କଠାରୁ ଆରମ୍ଭ କରି କର୍ମୀ, ଭୋଟର ଓ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ତତ୍ପର ହୋଇପଡିଛନ୍ତି। ସୋମବାର ନାଉଗାଁ ବିଡିଓ ରଶ୍ମିରେଖା ମଲିକଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରୁ ରାଜନେତାଙ୍କ ହୋର୍ଡିଂ ଉଠାଯାଇଛି। ଆଗକୁ ନିର୍ବାଚନ ଥିବାବେଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ପ୍ରଚାର ଏବଂ ରାଜନେତାଙ୍କ ଅଭିନନ୍ଦନ ବାର୍ତ୍ତା ଥିବା ଅନେକ ହୋର୍ଡିଂ ବିଭିନ୍ନ ସ୍ଥାନରେ ଲାଗିଥିଲା। ନାଉଗାଁ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ଗଙ୍ଗଦାହାଟ, ନାଉଗାଁ ବଜାର, ବ୍ଲକ ଛକ, କଣ୍ଟୁଣିଆ ବଜାର, ମିଣ୍ଡାଳୋ, ଅଲଣା ହାଟରେ ବହୁ ସଂଖ୍ୟାରେ ହୋର୍ଡିଂ ଲାଗିଥିଲା। ତେବେ ରାଜସ୍ୱ ନିରୀକ୍ଷକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ, ପିଏ ପ୍ରମୁଖ ଏସବୁ ହୋର୍ଡିଂ ଉଠାଇବା ଦାୟିତ୍ୱ ନେଇଥିଲେ। ଜିପିଓ ଦିନେଶ ରାୟ, ଏପିଓ ଜ୍ୟୋତିପ୍ରକାଶ ନାୟକ ପ୍ରମୁଖ ତଦାରଖ କରିଥିଲେ। ଯେଉଁ ସ୍ଥାନରୁ ହୋର୍ଡିଂ ଉଠାଯାଇନାହିଁ ସେଠାରୁ ଖୁବଶୀଘ୍ର ଉଠାଯିବ ବୋଲି ବିଡିଓ ମଲିକ କହିଛନ୍ତି।

## କୁଞ୍ଜବିହାରୀଙ୍କ ହୁଣ୍ଡି ଚୋରି ଘଟଣା, ଜଣେ ଅଟକ

**କୁଜଙ୍ଗ,୧୧।୩(ସ୍ୱ.ପ୍ର.)**

ରବିବାର ରାତିରେ ପ୍ରଭୁ କୁଞ୍ଜବିହାରୀଙ୍କ ମନ୍ଦିର କବାଟ ଡାଡି ଦୁର୍ବୃତ୍ତମାନେ ହୁଣ୍ଡି ଉଠାଇ ନେଇଥିଲେ। ଏହି ସମ୍ପର୍କରେ ଖବରପାଇ ଅଭୟଚାନ୍ଦପୁର ପୋଲିସ ଅଧିକାରୀ ଯୁଗଳ କିଶୋର ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବି.ସି ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ୨ଥର ହୁଣ୍ଡି ଚୋରି ହୋଇଥିଲା। ପ୍ରତିବର୍ଷ ଏହି ହୁଣ୍ଡିରୁ ଆୟ ଟଙ୍କାରେ ରାମାୟଣ ନାଚ ହୋଇଥାଏ। ମାତ୍ର ଦୁର୍ବୃତ୍ତମାନେ ଏହି ଟଙ୍କା ଲୁଟି ନେଇଛନ୍ତି। ତେବେ ବଳକା ୯୮୭ ଟଙ୍କା ଖୁଚୁରା ପଡିରହିଛି। ଏହି ଚୋରି ସମ୍ପର୍କରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ରାଜନ ବେହେରା ଥାନାରେ ଅଭିଯୋଗ କରିବା ପୋଲିସ ତଦନ୍ତ ଚଳାଇଛି।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

**ଏରସମା,୧୧।୩(ସ୍ୱ.ପ୍ର.)**

ଏରସମା ବ୍ଲକ କୁଞ୍ଜକୋଠି ଗ୍ରାମର ନୀଳକଣ୍ଠେଶ୍ୱର ପୂଜା କମିଟି ପକ୍ଷରୁ ଗତ ୬ରୁ ଆରମ୍ଭ ହୋଇଥିବା ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୫ଟି ଦଳ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରର ତପସ୍ୟା ଡ୍ରାମାଟିକ୍ କ୍ଲବ ପକ୍ଷରୁ ମଞ୍ଚସ୍ଥ କରାଯାଇଥିବା ନାଟକ ଭୁଲ ବୁଝିବନି ରହିଲା ରାଣ ଶ୍ରେଷ୍ଠ ନାଟକ ବିବେଚିତ ହୋଇଥିଲା। ଢେଙ୍କାନାଳର ମା' ଜୟଦୁର୍ଗା କଳା ପରିଷଦ ପକ୍ଷରୁ ମଞ୍ଚସ୍ଥ ହୋଇଥିବା ନାଟକ ଆଖିଠାରୁ ଓଠ ଅଳପ ବାଟ ରନର୍ସ ଅପ ହୋଇଥିଲେ। ଏହି ଅବସରରେ ରଂଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନ ସଭାରେ ସାମାଜିକ କର୍ମୀ ନିଶାକର ରାଉତ, ନିତ୍ୟାନନ୍ଦ ବାରିକ, ରସାନନ୍ଦ ମହାନ୍ତି, ମହନୀ ମଲ୍ଲିକ, ବନମାଳୀ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦେଇ କଳା ସଂସ୍କୃତିର ସୁରକ୍ଷା ଉପରେ ବକ୍ତବ୍ୟ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇଥିଲା। ପ୍ରଦୀପ କୁଅଁର, ପ୍ରହ୍ଲାଦ ମଲ୍ଲିକ, ପ୍ରଭାକର ସାହାଣୀ, ଅଜୟ କୁମାର ଦାସ, କାଳନ୍ଦୀ ବେହେରା, ସଉରୀ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଦାସ, କାଳନ୍ଦୀ ମଲ୍ଲିକ, ଯୋଗେନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ଭିଭିପିଏଟି ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ

**ରଘୁନାଥପୁର,୧୧।୩(ଡି.ଏନ୍.ଏ.)**

ନିରପେକ୍ଷ ମତଦାନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଭିଭିପିଏଟି ଇଭିଏମ ଦ୍ୱାରା ମତ ସାବ୍ୟସ୍ତ ପାଇଁ ବ୍ୟବସ୍ଥା କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରଘୁନାଥପୁର ବ୍ଲକ ସଭାକକ୍ଷରେ ପଞ୍ଚାୟତ ପ୍ରତିନିଧି ଓ ଖବରଦାତାଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଡିଓ ପଞ୍ଚାନନ ପଟ୍ଟାୟତ, ଏବିଡିଓ ଅଶୋକ କୁମାର ମହାନ୍ତି, ଜିପିଓ ଧନେଶ୍ୱର କିଷାନ, ପିଏ ଦେବାଶ୍ରିତା ପରିଡା ପ୍ରମୁଖ ଦୁଇଟି ପର୍ଯ୍ୟାୟରେ ଇଭିଏମ ବ୍ୟବହାର କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ମତ ସାବ୍ୟସ୍ତ ପାଇଁ ଅକ୍ଷମ ଥିବା ବ୍ୟକ୍ତି ନିଜ ସମ୍ପର୍କୀୟଙ୍କ ସହାୟତାରେ ଭୋଟ୍ ଦେଇପାରିବେ। କିନ୍ତୁ ଜଣେ ବ୍ୟକ୍ତି ଦୁଇଜଣଙ୍କ ପାଇଁ ଭୋଟ୍ ଦେଇପାରିବେ ନାହିଁ। ଇଭିଏମ ଭୁଲ ଫଳାଫଳ ଦେଉଥିବା ସମ୍ପର୍କରେ ଯଦିକୌଣସି ବ୍ୟକ୍ତି ଅଭିଯୋଗ କରନ୍ତି, ତେବେ ଦାୟିତ୍ୱରେ ଥିବା ଅଧିକାରୀ ଏହାକୁ ଯାଞ୍ଚ କରିବେ। ଯଦି ଉକ୍ତ ବ୍ୟକ୍ତିଙ୍କ ଅଭିଯୋଗ ସତ୍ୟ ସାବ୍ୟସ୍ତ ନ ହୁଏ ତାହା ହେଲେ ଅଭିଯୋଗକାରୀଙ୍କୁ ୬ ମାସ ଜେଲ ସହ ୧ହଜାର ଟଙ୍କା ଜରିମାନା ହେବ ବୋଲି ବିଡିଓ ପଟ୍ଟାୟତ କହିଛନ୍ତି।



ଭିଭିପିଏଟି ସମ୍ପର୍କରେ ସଚେତନ କରାଯାଉଛି।

## ଚନ୍ଦ୍ରଭାନୁ ମେମୋରିଆଲ କ୍ରିକେଟ, ମାତୃଶକ୍ତି ଚାମ୍ପିୟନ

**ବାଲିକୁଦା,୧୧।୩(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ସିଂହାରପୁରରେ ଚାଲିଥିବା ଚନ୍ଦ୍ରଭାନୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଦିବ୍ୟଜୀବନ କ୍ରିକେଟ କ୍ଲବକୁ ହରାଇ ମାତୃଶକ୍ତି କ୍ରିକେଟ ଟିମ ଚାମ୍ପିୟନ ହୋଇଛି। ପ୍ରକାଶ ଯେ ଚନ୍ଦ୍ରଭାନୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଟେନ ଟେନ୍ ଧାମାକା ଗତ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଥିଲା। ବାଲିକୁଦା ଥାନା ଆଇଆଇସି ସର୍ବେଶ୍ୱର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ସୋମବାର ଅପରାହ୍ନରେ ଫାଇନାଲ ହୋଇଥିଲା। ପ୍ରଥମେ ଟସ୍ ଜିତି ମାତୃଶକ୍ତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୦ ଓଭରରେ ୧୩୬ ରନ କରିଥିଲା। ଜବାବରେ ଦିବ୍ୟଜୀବନ ୯ ଓଭରରେ ୭୮ ରନ କରି ସମସ୍ତ ଉଇକେଟ ହରାଇଥିଲା। ଉଦ୍‌ଯାପନ ଉତ୍ସବରେ ଅତିଥି ଭାବେ ତାପସ ସ୍ୱାଇଁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ମ୍ୟାଚ୍‌ରେ ମାତୃଶକ୍ତି ଟିମର କ୍ୟାପଟେନ ନିତ୍ୟଶ୍ରୀ ରଞ୍ଜନ ଦେଠୀକୁ ଚାମ୍ପିୟନ ଓ ଦିବ୍ୟଜୀବନ ଟିମର କ୍ୟାପଟେନ ପ୍ରମୋଦ ସ୍ୱାଇଁଙ୍କୁ ରନର୍ସଅପ କପ୍ ପ୍ରଦାନ କରାଯାଇଥିଲା। ସତ୍ୟବ୍ରତ ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ଲକ୍ଷୀକାନ୍ତ କୁଅଁରକୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ପକ୍ଷରୁ ଦେବୀ ପ୍ରସାଦ ସାହୁ, ଜଗନ୍ନାଥ ସାହୁ ଖେଳ ପରିଚାଳନା କରୁଥିବାବେଳେ ବଳଦେବ ପ୍ରସାଦ ରଥ, ତପନ ଦାସ, ଅଶୋକ ସ୍ୱାଇଁ, ଯତିନ ଦାସ, ରାକେଶ ବେହେରା, ଶକ୍ତି ପ୍ରସାଦ ଜେନା, ଜିତେନ୍ଦ୍ର ସାହୁ ପ୍ରମୁଖ ସହାୟତା କରୁଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

## ଭାଷା ବଞ୍ଚିଲେ ସଂସ୍କୃତି ସୁରକ୍ଷିତ ରହିବ




ଆଗାମୀ ଓଡ଼ିଶା ପକ୍ଷରୁ ଆୟୋଜିତ ଶାସ୍ତ୍ରୀୟ ଭାଷା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ରଘୁନାଥପୁର,୧୧।୩(ଡି.ଏନ୍.ଏ.)**

ପାଶ୍ଚାତ୍ୟ ସଭ୍ୟତା ମୋହରେ ଆଜିର ଯୁବପିଢ଼ି। ମାତୃଭାଷାକୁ ବଞ୍ଚାଇ ରଖିବା ପାଇଁ ସମସ୍ତଙ୍କ ମନରେ ଦ୍ୱିଧା ରହିଛି। ଭାଷା ବଞ୍ଚିଲେ ସଂସ୍କୃତି ସୁରକ୍ଷିତ ରହିବ ବୋଲି ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଅଜୟ ଦାସ କହିଛନ୍ତି। ସୋମବାର ଆଗାମୀ ଓଡ଼ିଶା ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଶାସ୍ତ୍ରୀୟ ଭାଷା ଦିବସ ପାଳନ ଅବସରରେ ସମ୍ମାନିତ ଅତିଥି ଭାବେ ଦାସ ଯୋଗଦେଇ ଏହା କହିଛନ୍ତି। ଆଗାମୀ ଓଡ଼ିଶା ସଭାପତି ବିଜୟ କୁମାର ସ୍ୱାଇଁ ଯୋଗଦେଇ କହିଥିଲେ, ଭାଷା ହେଉଛି ଗୋଟିଏ ଜାତିର ପରିଚୟ, ଓଡ଼ିଆ ଭାଷା ଓଡ଼ିଶାର ମୁଖଶାଳା ବୋଲି କହିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅଧାପକ ଶରତ କୁମାର ରାଉତରାୟ, ବି.ସି. କଲେଜ ପୂର୍ବତନ ଅଧକ୍ଷ ରମାରଞ୍ଜନ ସ୍ୱାଇଁ, ଶିକ୍ଷାବିତ ପ୍ୟାରୀମୋହନ ପଟ୍ଟନାୟକ, ଅଧାପକ ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ବିଆର୍‌ସିସି ସଦାଶିବ ବିଶ୍ୱାଳ, ଅଧାପକ ଭଗବାନ ବିଶ୍ୱାଳ, ରାଜ୍ୟ ଶିକ୍ଷକ ନେତା ଜୟପ୍ରକାଶ ପଣ୍ଡା, ସିଆରସିସି ନିର୍ମଳେନ୍ଦୁ ସୋମ, ପଣ୍ଡିତ ଶ୍ରୀବତ୍ସ ଦାସ ମହାପାତ୍ର, ନିରଞ୍ଜନ ପାତ୍ର, ପ୍ରାଣକୃଷ୍ଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କଲ୍ୟାଣ ସେନ ଅତିଥି ପରିଚୟ, ପଣ୍ଡିତ ପ୍ରଭାତ କିରଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଦେବାଶିଷ ବେହେରା, ସିଆରସିସି କୁଶ ମଲ୍ଲିକ, ଯଦୁନାଥ ଜେନା, ପ୍ରଦୀପ ନାୟକ, ବିଜନ ମହାପାତ୍ର, ଉମେଶ ନାୟକ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

## ଉପ୍ରା ବିଦ୍ୟାଳୟ ବାର୍ଷିକୋତ୍ସବ

**ତିର୍ତ୍ତୋଲ,୧୧।୩ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଗରାମ ପଞ୍ଚାୟତ ତୁରୁଖାସ୍ଥିତ ଶ୍ରୀଜଗନ୍ନାଥ ବଟଗୋସାଇଁ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଶାନ୍ତିଲତା ସ୍ମାରକୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଝଙ୍କଡ଼ ସାହିତ୍ୟ ସଂସଦ ସମ୍ପାଦକ ଗୋଲୋକ ବିହାରୀ ପଲାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରକୁ ତୁରୁଖା ଗ୍ରାମ୍ୟ କମିଟି ସଭାପତି ଶ୍ରୀରାମ ଚନ୍ଦ୍ର ଲେଙ୍କା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସୁରେଶ ଚନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ସାହିତ୍ୟିକା ଡଃ ବିଷ୍ଣୁପ୍ରିୟା ଦାସ, ସମ୍ମାନିତ ଅତିଥି ଶିକ୍ଷକ ନେତା ଅକ୍ଷୟ ଦାସ, ଶିକ୍ଷାବିତ ପର୍ଶୁରାମ ମହାରଣା ଓ ଭୋଳାନାଥ ଦାସ ପ୍ରମୁଖ ଯୋଗଦେଇ ଶିକ୍ଷକ ସମାଜ ଦେଶକୁ ପ୍ରଗତିଶୀଳ କରିବା ଉଚିତ ବୋଲି କହିଥିଲେ। ଗିରିଧାରୀ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶାନ୍ତିଲତା ସ୍ମାରକୀ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମରେ ୧୮ଟି ବିଦ୍ୟାଳୟର ୮୦ ଛାତ୍ରୀଛାତ୍ର କୁଇଜ, ବକ୍ତୃତା, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗର ୨୪ ଜଣ କୃତୀ ପ୍ରତିଯୋଗୀଙ୍କୁ ଅର୍ଥ ରାଶି, ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲ। ଶିକ୍ଷକ ଧିରେନ୍ଦ୍ରନାଥ ବିଶ୍ୱାଳଙ୍କ ସଂଯୋଜନାରେ ଶିକ୍ଷକ ସୁଶାନ୍ତ କୁମାର କର, ସିଆରସିସି ଦୀପକ କୁମାର ବିଶ୍ୱାଳ, ସୁଶାନ୍ତ ନାୟକ, ବିଜୟ କୁମାର ସ୍ୱାଇଁ, ତ୍ରିଲୋଚନ ପରିଡା, ହୃଷୀକେଷ ନାଥ, ବସନ୍ତ କୁମାର ବଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷାବିତ ଦିଗମ୍ବର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନିରଞ୍ଜନ ଲେଙ୍କା ଧନବ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଯଦୁନାଥ ସ୍ୱାଇଁ, ରୂପାଞ୍ଜଳି ବାରିକ, ନିରଞ୍ଜନ ରାଉଳ, ଭିକାରୀ ଚରଣ ଦାସ, ଗୌରାଙ୍ଗ ଚରଣ ଦାଶ, ଶିକ୍ଷୟିତ୍ରୀ ମାନସୀ ଶତପଥୀ ଓ ଲକ୍ଷ୍ମୀଧର ନାୟକ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

## ଜାତୀୟ ସୁରକ୍ଷା ଦିବସ ପାଳିତ

**ପାରାଦୀପ,୧୧।(ସ୍ୱ.ପ୍ର.)**

ପାରାଦୀପ ଇଫ୍‌କୋ କମ୍ପାନୀ ପକ୍ଷରୁ ସୋମବାର ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ସୁରକ୍ଷା ନିରାପତ୍ତା ସମ୍ପର୍କରେ ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା। ଶ୍ରମିକ, କର୍ମଚାରୀ କର୍ମକ୍ଷେତ୍ରରେ କିପରି ସୁରକ୍ଷିତ ରହିବେ ସେ ସମ୍ପର୍କରେ କୁହାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ କାରଖାନା ଓ ବାସ୍ଲିକ ବିଭାଗର ଉପନିର୍ଦ୍ଦେଶକ ମଳୟ ପ୍ରଧାନ, ସହନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ ଯୋଗଦେଇ ସୁରକ୍ଷା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଇଫ୍‌କୋର ୟୁନିଟ୍ ମୁଖ୍ୟ କେ.ଜେ. ପଟେଲଙ୍କ ସମେତ ଅନ୍ୟ ଅଧିକାରୀ ଜେ.ପି. ଶ୍ରୀବାସ୍ତବ,ଏ.କେ ମଲ୍ଲ, ବି.ସି. ଆଚାର୍ଯ୍ୟ, ଏସ୍‌କେ କାମ୍ଭେଲେ, ପି.କେ. ବେଉରା ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ବିରଳ ପ୍ରଜାତିର ମାଛ ଉଦ୍ଧାର

**ମାହାଙ୍ଗା,୧୧।୩(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହିପୁର ପଞ୍ଚାୟତ ସେଠୀ ସାହିର ଜଣେ ମତ୍ସ୍ୟଜୀବୀ ସୋମବାର ଏକ ବିରଳ ପ୍ରଜାତିର ମାଛ ଉଦ୍ଧାର କରିଛନ୍ତି। ସେ ହେଲେ ସାହିର ଗୋଧି ସେଠୀ। ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ପୋଖରୀକୁ ମାଛ ଧରିବାକୁ ଯାଇଥିଲେ। ପୋଖରୀରୁ ବଡ ମାଛ ଧରିଥିଲାବେଳେ ଛୋଟ ଚୁନା ମାଛ ଦେଖିବାକୁ ପାଇ ନ ଥିଲେ। ପରେ ପୋଖରୀରେ ଜାଲ ଟାଣି ମାଛ ଧରୁଥିବାବେଳେ ଏହି ବିରଳ ପ୍ରଜାତିର କଳା ଧଳା ଚିତା ଚିହ୍ନ ମାଛକୁ ଧରିଥିଲେ। ମାଛର ସମ୍ପୂର୍ଣ୍ଣ ଶରୀର କଠିନ ଆସ୍ତରଣ ଥିବା ଦେଖିବାକୁ ମିଳିଥିଲା। କଇଁଛ ଭଳି ଏହି ମାଛର ସବୁଆଡେ କଠିନ ଖୋଳପା ଭଳି ରହିଛି। ଏହାର ରଙ୍ଗ କଳା ହୋଇଥିବାବେଳେ ଧଳା ଚିତା ଚିହ୍ନ ଥିବା ଦେଖିବାକୁ ମିଳିଛି। ମାଛଟି କେବଳ ଛୋଟଛୋଟ ମାଛ ଖାଉଥିବା ଦେଖାଯାଇଛି। କେତେଜଣ ମତ୍ସ୍ୟଜୀବୀ ଏହା କେଉଁ ପ୍ରଜାତିର ମାଛ ବୋଲି ଚିହ୍ନି ପାରିନାହାନ୍ତି।

■ ଆଦର୍ଶ ଆଚରଣ ବିଧି ସମ୍ପର୍କରେ ଜିଲାପାଳଙ୍କ ସମୀକ୍ଷା

# ଜିଲାରେ ୨୩୩ ସ୍ପର୍ଶକାତର ବୁଥ୍ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ, ୧୧।୩**

> ■ ୨ରେ ବିଜ୍ଞପ୍ତି, ୯ରେ ସରିବ ପ୍ରାର୍ଥିପତ୍ର ଦାଖଲ
>
> ■ ଜିଲାର ୩୩ ହଜାରରୁ ଅଧିକ ଭିନ୍ନକ୍ଷମ ଭୋଟରଙ୍କ ନିମନ୍ତେ ଯାନ ବ୍ୟବସ୍ଥା

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ସାରା ଜିଲାରେ ରାଜନୈତିକ ପରିବେଶ ସରଗରମ ହୋଇଛି। ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସୋମବାର ନିର୍ବାଚନ ତାରିଖ ଓ ଆଦର୍ଶ ଆଚରଣ ବିଧି ସମ୍ପର୍କରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପ୍ରକୋଷ୍ଠରେ ଏନେଇ ଆଲୋଚନା ହୋଇଥିଲା। ଏଥିରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଗୁହା ପୁନମ ତାପସ କୁମାର ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଘୋଷିତ ତାରିଖ ଓ ଆଦର୍ଶ ଆଚରଣ ବିଧି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜଗତ୍‌ସିଂହପୁର ଜିଲାରେ ୪ର୍ଥ ପର୍ଯ୍ୟାୟ ଏପ୍ରିଲ ୨୯ ତାରିଖରେ ନିର୍ବାଚନ ହେବ। ଏପ୍ରିଲ ୨ରେ ବିଜ୍ଞପ୍ତି ପ୍ରକାଶ ପାଇବ। ୯ରେ ନାମାଙ୍କନପତ୍ର ଦାଖଲ ଶେଷ, ୧୦ରେ ଯାଞ୍ଚ ଓ ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବ। ସେହିପରି ମେ ୨୩ ତାରିଖରେ ଭୋଟ ଗଣତି ହେବ ବୋଲି ଜିଲାପାଳ କହିଥିଲେ। ଅନୁରୂପ ଭାବେ ପ୍ରାର୍ଥୀମାନଙ୍କ ବ୍ୟୟ ପରିଚାଳନା ନିମନ୍ତେ ସୋମବାର ପୂର୍ବାହ୍ନରେ ଅଧିକାରୀମାନଙ୍କ ବୈଠକ ହୋଇଥିଲା। ପ୍ରାର୍ଥିପତ୍ର ଦାଖଲ ସମୟରେ ପ୍ରାର୍ଥୀମାନେ ପ୍ୟାନ ନମ୍ବର ଆଣିବାକୁ ବାଧ୍ୟତାମୂଳକ କରାଯାଇଛି। ସୁବିଧା ଆପ ଓ ସି-ଭିଜିଲ ସମ୍ପର୍କରେ ଜିଲାପାଳ ସୂଚନା ପ୍ରଦାନ କରିବା ସହ ସମସ୍ତ ପ୍ରାର୍ଥୀମାନେ ନିର୍ବାଚନ ଆଚରଣ ବିଧି ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ୨୩୩ଟି ସ୍ପର୍ଶକାତର ବୁଥ ଚିହ୍ନଟ ହୋଇଛି। ସମସ୍ତ ବୁଥରେ ର୍‍ୟାମ୍ପ ବ୍ୟବସ୍ଥା, ବିଦ୍ୟୁତ ସଂଯୋଗ ଓ ପାନୀୟ ଜଳ ଉପଲବ୍ଧ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାର ୩୩ ହଜାରରୁ ଅଧିକ ଭିନ୍ନକ୍ଷମ ଭୋଟରଙ୍କ ନିମନ୍ତେ ଯାନ ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ନିର୍ବାଚନ ସହକାରୀ ଜିଲାପାଳ ବିନୀତା ଦାଶ ଉପସ୍ଥିତ ଥିଲେ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୧୯ Bhubaneswar, Tuesday, March 12/ 2019


## ସଂକ୍ଷେପରେ

### ମାଟିଘର ସାହିତ୍ୟ ସଂସଦ ବୈଠକ

ରାହାମା,୧୧।୩(ଡି.ଏନ୍.ଏ.): ମାଟିଘର ସାହିତ୍ୟ ସଂସଦର ମାସିକ ବୈଠକ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ବୈଠକରେ ଅନୁଷ୍ଠାନର ସଭାପତି ଡ. କ୍ଷୀରୋଦ କୁମାର ଓଝା ସଭାପତିତ୍ୱ କରିଥିଲେ। ସମ୍ପାଦକ ବିଷ୍ଣୁ ପ୍ରସାଦ ସେଠୀ ବିବରଣୀ ପାଠ କରିଥିଲେ। ବୈଠକରେ ସଂସଦର ଉପଦେଷ୍ଟା ବ୍ରଜ କିଶୋର ମହାରାଜଙ୍କ ପ୍ରସ୍ତାବ କ୍ରମେ ବୀର ଶହୀଦମାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହାକୁ କବି କାଶିନାଥ ସାହୁ ସଂଯୋଜନା କରିଥିଲେ। ସଞ୍ଜୁକ୍ତା ସାହୁ, ସୁଚିତ୍ରା ମହାନ୍ତି, କାଦମ୍ବିନୀ ଦାସ, ବିନୋଦ କୁମାର ମୁଦୁଲି ପ୍ରମୁଖ କବିତା ଆସରକୁ ସାଫଲ୍ୟ ମଣ୍ଡିତ କରିଥିଲେ।

### ଭାଜପାର ବିଜୟ ସଙ୍କଳ୍ପ ରଥ ପରିକ୍ରମା

ପାରାଦୀପ,୧୧।୩(ସ୍ୱ.ପ୍ର.): ପାରାଦୀପ ପୌରାଞ୍ଚଳରେ ଭାଜପାର ବିଜୟ ସଙ୍କଳ୍ପ ରଥ ପରିକ୍ରମା କରିଛି। ଯୁବନେତା ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ କର୍ମୀମାନେ ରଥ ସହ ବିଭିନ୍ନ ୱାର୍ଡ ବୁଲି ପଥପ୍ରାନ୍ତ ସଭା କରିଥିଲେ। ରାଜ୍ୟ ସରକାର ଓ ପାରାଦୀପ ପୌର ପ୍ରଶାସନ ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି କରିଛନ୍ତି। ତେଣୁ ଏହାର ଉପଯୁକ୍ତ ଜବାବ ଦେବାକୁ ସେମାନେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ଭାଜପା ସରକାରକୁ ଆସିଲେ ଜମିହରା ଓ ବସ୍ତିବାସିନ୍ଦାଙ୍କୁ ପକ୍କାଘର ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଳ୍ପନା ଦାଶ, ବବିତା ରାଉତ, ସଞ୍ଜୁକ୍ତା ବରାଳ, ସର୍ବେଶ୍ୱର ଜେନା, ଅରୁଣ ସ୍ୱାଇଁ, ଯୀଶୁଖ୍ରୀଷ୍ଟ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଭିଭିପିଏଟି ସମ୍ପର୍କରେ ସଚେତନତା

ରାହାମା,୧୧।୩(ଡି.ଏନ୍.ଏ.): ପାରାଦୀପ ପୌରାଞ୍ଚଳର ୧୬ ନଂ. ୱାର୍ଡ ନୂଆବଜାର ମୁକ୍ତେଶ୍ୱର ସ୍କୁଲ ପରିସରରେ ବୁଧବାର ଇଭିଏମ୍ ଓ ଭିଭିପିଏଟି ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଭୋଟରମାନେ ଆଗାମୀ ସାଧାରଣ ନିର୍ବାଚନରେ କିପରି ଏହି ୨ ମେଶିନର ବ୍ୟବହାର କରିବେ ସେ ସମ୍ପର୍କରେ କୁହାଯାଇଥିଲା। ଇଭିଏମ୍‌ରେ ଭୋଟରମାନେ ସୁଇଜ୍ ବଟମ ଚିପିବା ପରେ ସେମାନେ କେଉଁ ପ୍ରାର୍ଥୀଙ୍କୁ ଭୋଟ୍ ଦେଲେ ତାହା ଭିଭିପିଏଟିରେ ୭ ସେକେଣ୍ଡ ପାଇଁ ସ୍କ୍ରିନ୍‌ରେ ଦେଖାଯିବ। ଦରକାର ହେଲେ ଭୋଟର ଦେଇଥିବା ଭୋଟର ଚିରକୁଟ ସଂଗ୍ରହ କରିପାରିବେ। କର୍ମଚାରୀ ପ୍ରଭାକର ଦଳେଇଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏ ସମ୍ପର୍କରେ ଭୋଟରଙ୍କୁ ବୁଝାଇଥିଲେ।

## ■ ଗଣ୍ଡପାଣି ପିଉଛନ୍ତି ରେପୁରପାଟଣାବାସୀ

# ଯେଉଁଠି ସ୍ନାନ ଶୌଚ, ସେଇଠୁ ପାନୀୟଜଳ

ଶ୍ରୀକାନ୍ତ ଦାଶ
ରାହାମା,୧୧।୩(ଡି.ଏନ୍.ଏ.)

■ ନଳକୂପରୁ ବାହାରୁଛି ଲୁଣା, ଲୌହଯୁକ୍ତ ପାଣି
■ ୧୦ ବର୍ଷ ପରେ ବି କାର୍ଯ୍ୟକ୍ଷମ ହେଉନି ପ୍ରକଳ୍ପ

ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ସରକାର ଗୁରୁତ୍ୱ ଦେଉଥିବା କହୁଛନ୍ତି। ଏ ବାବଦରେ ବହୁ କୋଟି ଟଙ୍କା ବ୍ୟୟ ମଧ୍ୟ କରୁଛନ୍ତି। କିନ୍ତୁ ବାସ୍ତବରେ ଏଥିରେ ଲୋକେ ଉପକୃତ ହୋଇପାରୁନାହାନ୍ତି। ନଳକୂପ ତ ଖନନ ହେଉଛି, ମାତ୍ର ତାହା ଲୋକଙ୍କ କାମରେ ଲାଗୁନାହିଁ। ତେଣୁ ବାଧ୍ୟହୋଇ ସେମାନେ ଗଡ଼ିଆ, ପୋଖରୀ ପାଣି ପିଉଛନ୍ତି। ଯେଉଁଠାରେ ସ୍ନାନ, ଶୌଚ କରୁଛନ୍ତି ଓ ଗୃହପାଳିତ ପଶୁଙ୍କୁ ଗାଧୋଇ ଦେଉଛନ୍ତି, ସେହିଠାରୁ ହିଁ ପାନୀୟଜଳ ସଂଗ୍ରହ କରୁଛନ୍ତି। କୌଣସି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ନୁହେଁ, ବରଂ ଉପକୂଳ ଅଞ୍ଚଳରେ ଏକ ଅଗ୍ରଣୀ ଜିଲା ଭାବେ ପରିଗଣିତ ହେଉଥିବା ଜଗତ୍‌ସିଂହପୁର ଜିଲାରେ ଏହି ସମସ୍ୟା ଦେଖିବାକୁ ମିଳିଛି। ଏହି ଜିଲାର କୁଜଙ୍ଗ ବ୍ଲକ ଅଧୀନ ପୋତାନଇ ପଞ୍ଚାୟତର ରେପୁରପାଟଣାରେ ଲୋକେ ଏକ ଗଣ୍ଡ (ମହାନଦୀରୁ ବାହାରିଥିବା ଏକ ଛୋଟ ଜଳାଶୟ)ର ଅପରିଷ୍କାର ପାଣି ପିଉଛନ୍ତି। ଏହି ପାଣି ରୋଗ ଜୀବାଣୁ ଯୁକ୍ତ ଓ ପଚି ଦୁର୍ଗନ୍ଧ ହେଉଛି। ଦୀର୍ଘବର୍ଷ ହେଲା ଗ୍ରାମବାସୀ ଏହି ପାଣି ପିଉଛନ୍ତି। ତେବେ ଦୁର୍ଭାଗ୍ୟର ବିଷୟ ହେଲା, ଏ ସମ୍ପର୍କରେ ପ୍ରଶାସନ ଜାଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ସୂଚନାଅନୁଯାୟୀ, ରେପୁରପାଟଣାର ୭ ଓ ୮ ନମ୍ବର ୱାର୍ଡରେ ଦେଢ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ପାନୀୟଜଳ ନିମନ୍ତେ ସେମାନଙ୍କ ପାଇଁ ୮ଟି ନଳକୂପ ବସାଯାଇଥିଲା। ସେଥିରୁ ୨ଟି ସମ୍ପୂର୍ଣ୍ଣ ଅଚଳ। ଅବଶିଷ୍ଟ ୬ ନଳକୂପ


ରେପୁରଗଣ୍ଡରୁ ମହିଳାମାନେ ପାନୀୟ ଜଳ ସଂଗ୍ରହ କରୁଛନ୍ତି।


ଗ୍ରାମରେ ଥିବା ଅଚଳ ନଳକୂପ।

କାର୍ଯ୍ୟକ୍ଷମ ଥିଲେ ମଧ୍ୟ ସେଥିରୁ ଲୁଣା ଓ ଲୌହଗୁଣ୍ଡ ଯୁକ୍ତ ପାଣି ବାହାରୁଛି, ଯାହାକି ପାନୀୟ ଓ ରୋଷେଇ ପାଇଁ ଅନୁପଯୁକ୍ତ। ତେଣୁ ସେମାନେ ରେପୁଣ ଗଣ୍ଡର ପାଣି ସ୍ନାନ, ଶୌଚ ଓ ପିଇବା ପାଇଁ ବ୍ୟବହାର କରୁଛନ୍ତି। ସରକାରଙ୍କ ପକ୍ଷରୁ ଏହି ଗଣ୍ଡର ଦୁଇ ମୁଣ୍ଡରେ ଦୁଇଟି ପାନୀୟଜଳ ପ୍ରକଳ୍ପ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ତେବେ ଦୀର୍ଘ ୧୦ବର୍ଷ ବିତିଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇନାହିଁ। ଗ୍ରାମବାସୀ ଏ ସମ୍ପର୍କରେ ସରପଞ୍ଚଙ୍କଠାରୁ ଆରମ୍ଭ କରି ଜଳ ଓ ପରିମଳ ବିଭାଗ, ବିଧାୟକ, ମନ୍ତ୍ରୀଙ୍କୁ ଏକାଧିକବାର ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଗ୍ରାମବାସୀ ଏହି ଅପରିଷ୍କାର ପାଣି ପିଇ ବିଭିନ୍ନ ରୋଗବ୍ୟାଧିର ଶିକାର ହେଉଛନ୍ତି। ଏ ସମ୍ପର୍କରେ ସରପଞ୍ଚ ମଧୁସ୍ମିତା ସେଠୀ କହିଛନ୍ତି ଯେ, ମୁଁ ବହୁତଥର ବିଧାୟକଙ୍କୁ କହିଛି ଓ ସେ ସ୍ଥାନ ଦେଖାଇଛି। କିନ୍ତୁ କିଛି ସୁଫଳ ମିଳିନାହିଁ। ମୁଁ ସରପଞ୍ଚ ହେବା ପରେ ପୂର୍ବତନ ଆରଡବ୍ଲ୍ୟୁଏସ୍‌ଏସ୍ ଜେଇ ବିଭୂତି ବିଶ୍ୱାଳଙ୍କୁ ଏ ସମ୍ପର୍କରେ କହିଥିଲି। ସେ କହିଥିଲେ ଯେ ପ୍ରକଳ୍ପ ଶୀଘ୍ର ଆରମ୍ଭ ହେବ। କିନ୍ତୁ କିଛି ହୋଇନାହିଁ।


" ମୁଁ ବାହାହୋଇ ଆସିବା କାଳରୁ ଏହି ଗଣ୍ଡପାଣି ହିଁ ବ୍ୟବହାର କରୁଛୁ। ସ୍ନାନ, ଶୌଚ ସହିତ ପାନୀୟ ଜଳ ପାଇଁ ଏହି ଗଣ୍ଡ ହିଁ ଆମ ଭରସା। ଗାଁରେ ଥିବା ନଳକୂପରୁ ଲୁଣା ଓ ଅପରିଷ୍କାର ପାଣି ବାହାରୁଛି। ତେଣୁ ତାହା ବ୍ୟବହାର କରିହେଉନାହିଁ।
**-ସରିତା ସାମଲ, ୭ନଂ. ୱାର୍ଡ ସଭ୍ୟା।**


" ନିର୍ବାଚନ ସମୟ ଆସିଲେ ନେତା, ମନ୍ତ୍ରୀମାନେ ପାନୀୟଜଳ ସମସ୍ୟା ଦୂର କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର ପରେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ବାଧ୍ୟହୋଇ ଗଣ୍ଡ ପାଣିକୁ ଆମେ ପାନୀୟଜଳ ରୂପେ ବ୍ୟବହାର କରୁଛୁ। ରୋଗ ବ୍ୟାଧି ହେଲେ ଭଗବାନ ବୁଝିବେ।
**-ଲୋକନାଥ ସାହୁ, ୮ ନଂ. ୱାର୍ଡ ସଭ୍ୟ।**

" ସେ ପ୍ରକଳ୍ପ ମୁଁ ଆସିବା ପୂର୍ବରୁ ହୋଇଥିଲା। ବର୍ତ୍ତମାନ ପାଣି ପରୀକ୍ଷା ପାଇଁ ପଠାଯାଇଛି। ସେଠାରେ ପର୍ଯ୍ୟାପ୍ତ ପରିମାଣର ଜଳସ୍ତର ନ ଥିବାରୁ ଅସୁବିଧା ହେଉଥିଲା। ଆସନ୍ତା କିଛିଦିନ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ।
**-ସ୍ମିତା ମାଝି, ଜେଇ, ଆରଡବ୍ଲ୍ୟୁଏସ୍‌ଏସ୍।**


" ଗଣ୍ଡରୁ ୧୦ ବର୍ଷ ହେଲା ଘରକୁ ପାଣି ବୋହି ବୋହି ମୋ ଅଣ୍ଟା ନଇଁଗଲାଣି। ଗଣ୍ଡ ପାଣିରେ ଗାଧୋଉଛୁ। ସେହି ପାଣିକୁ ପିଉଛୁ ଓ ରୋଷେଇ କରୁଛୁ। ବର୍ଷାଦିନେ ସେଥିରେ ମଳ, ଆବର୍ଜନା ମିଶୁଛି। ସରକାର ସ୍ୱଚ୍ଛ ପାନୀୟଜଳ ପାଇଁ ଏଠାରେ ୨ଟା ଟାଙ୍କି ବସାଇଛନ୍ତି। ତାହା କାର୍ଯ୍ୟକ୍ଷମ ହେଉନି। ଗୋଟିଏ ଟାଙ୍କିରେ ଷଣ୍ଢ ଶୋଉଛି, ଆଉ ଗୋଟିଏ ଟାଙ୍କିରେ ଜଣେ ପାଗେଳି ଶୋଉଛି। **-ବାସନ୍ତୀ ସାମଲ, ଗୃହିଣୀ।**


" ୧୫ ବର୍ଷ ହେଲାଣି ଆମେ ଏହି ଗଣ୍ଡ ପାଣିକୁ ପାନୀୟ ଭାବେ ବ୍ୟବହାର କରୁଛୁ। ଦିନକୁ ଦିନ ପାଣି ଅପରିଷ୍କାର ହେଉଛି। ୪ ବର୍ଷ ତଳେ ଗଣ୍ଡପାଣିକୁ ଫିଲ୍‌ଟରିଂ କରି ଯୋଗାଇ ଦେବାକୁ ଏକ ପ୍ରକଳ୍ପ କରାଯାଇଥିଲା। କିନ୍ତୁ ତାହା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନାହିଁ। **-ନାରାୟଣ ଦାସ, ଗ୍ରାମର ମୁରବୀ।**

## ସାନ ଭାଇଙ୍କୁ ବଡ଼ଙ୍କ ଆକ୍ରମଣ

ପାରାଦୀପ,୧୧।୩(ସ୍ୱ.ପ୍ର.)

ପାରାଦୀପ ମଡେଲ ଥାନା ଅଧୀନ ଲକ୍‌ପଡ଼ା ବସ୍ତିରେ ସୋମବାର ସନ୍ଧ୍ୟାରେ ଏକ ବଙ୍ଗୀୟ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଦୁଇ ଭାଇ ଆର୍ଥିକ ନେଣଦେଣକୁ ନେଇ ହଣାକଟା ପର୍ଯ୍ୟନ୍ତ କଥା ଯାଇଛି। ଏଥିରେ ଉତ୍ତ୍ୟକ୍ତ ହୋଇ ବଡ଼ଭାଇ ଶମ୍ଭୁମଣ୍ଡଳ ଏକ ଧାରୁଆ ଛୁରୀରେ ସାନଭାଇ ମିଳନ ମଣ୍ଡଳଙ୍କୁ ଆକ୍ରମଣ କରିଛନ୍ତି। ତାଙ୍କୁ ଆହତ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି। ମିଳନଙ୍କ ଶରୀରର ୮ରୁ ଊର୍ଦ୍ଧ୍ୱ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ୨ ଭାଇଙ୍କ ମଧ୍ୟରୁ ଜଣେ ମତ୍ସ୍ୟଜୀବୀଭାବେ ଚଳୁଥିବାବେଳେ ଅନ୍ୟଜଣେ ଚୋରାମଦ ବ୍ୟବସାୟ କରୁଥିବା ସୂଚନା ମିଳିଛି। ଖବର ଲେଖାହେବାବେଳକୁ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିଲା। ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବେଳାଭୂମି ରାସ୍ତାରେ ଜିପ୍‌ସମ ପ୍ରଦୂଷଣ ପ୍ରସଙ୍ଗ

### ଖବର ପ୍ରକାଶ ପରେ ସଫା ହେଲା

ପାରାଦୀପ,୧୧।୩(ସ୍ୱ.ପ୍ର.)

ପ୍ରଦୂଷଣ ଯୁକ୍ତ ସହର ପାରାଦୀପରେ ପ୍ରାୟ ସବୁ ସମୟରେ କଳା ଧୂଳି ଆସ୍ତରଣ ଦେଖିବାକୁ ମିଳିଥାଏ। ଏବେ କିଛିଦିନ ହେଲା ସମୁଦ୍ର ବେଳାଭୂମି ରାସ୍ତାରେ ପିପିଏଲ ସାରକାରଖାନାର ବର୍ଜ୍ୟବସ୍ତୁ ଜିପସମ୍ ପରିବହନ ଯୋଗୁ ସେହି ରାସ୍ତାରେ ଧଳା ଆସ୍ତରଣ ହେଉଥିଲା। ଏ ନେଇ ଗତ ୫ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପିପିଏଲ୍ କମ୍ପାନୀକୁ ତାଗିଦ କରାଯାଇଥିଲା। ଫଳରେ କମ୍ପାନୀ ସେହି ରାସ୍ତାରେ ଧଳା ଆସ୍ତରଣକୁ ଧୋଇ ସଫା କରିଛି। ଏଥିସହ ରାସ୍ତାରେ ଯେପରି ଜିପ୍‌ସମ ଗୁଣ୍ଡ ନ ପଡ଼ିବ ସେ ବ୍ୟବସ୍ଥା ଆପଣାଇଛନ୍ତି ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି।

## ବିଡିଓଙ୍କୁ ପାଚିକା ସହାୟିକା ସଂଘର ଦାବିପତ୍ର

ନାଉଗାଁ,୧୧।୩(ସ୍ୱ.ପ୍ର.)

ରାଜ୍ୟ ସରକାର ପାଚିକା ସହାୟିକାମାନଙ୍କ ନିମନ୍ତେ କରିଥିବା ଘୋଷଣା କାର୍ଯ୍ୟକାରୀ କରିବା ପାଇଁ ସୋମବାର ନାଉଗାଁ ପାଚିକା ସହାୟିକା ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ ୮ମ ଶ୍ରେଣୀକୁ ହାଇସ୍କୁଲରୁ ଉଚ୍ଛେଦ କରାଯାଇ ନିକଟସ୍ଥ ବିଦ୍ୟାଳରେ ମିଶ୍ରଣ କରାଗଲା। ଯେଉଁ ବିଦ୍ୟାଳୟରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରହିବେ ସେଠାରେ ଛଟେଇ ହୋଇଥିବା ପାଚିକା ସହାୟକାଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ସେଥିରେ ହାଇସ୍କୁଲରୁ ଛଟେଇ ହୋଇଥିବା ପାଚିକାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ରଖାଯିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଏହି ବ୍ଲକର ବିପିନ ବିହାରୀ ଉ.ପ୍ରା ବିଦ୍ୟାଳୟ, ମାରଡା ଉ.ପ୍ରା ବିଦ୍ୟାଳୟ, ଅଙ୍ଗେଶ୍ୱରପଡ଼ା ହାଇସ୍କୁଲ, ରୋହିଆ ହାଇସ୍କୁଲ, ମହନ୍ତ କୃଷ୍ଣଚନ୍ଦ୍ର ହାଇସ୍କୁଲ କ୍ଷେତ୍ରରେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଇନାହିଁ। ତେଣୁ ଛଟେଇ ପାଚିକା ସହାୟିକାଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି। ସଂଘର ଉପଦେଷ୍ଟା ସୁବାସ ସ୍ୱାଇଁ, ସମ୍ପାଦିକା ସୁରମା ସ୍ୱାଇଁ, ସଞ୍ଜୁକ୍ତା ଦାସ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲିକ କହିଛନ୍ତି ଯେ, ଯେହେତୁ ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇସାରିଲାଣି, ତେଣୁ ଏବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ।

## ■ ଭାଜପାର ବିଜୟ ସଙ୍କଳ୍ପ ସମାବେଶ

# କାଳିଆ ନୁହେଁ, କଳାକନା ବୁଲାଇବା ଯୋଜନା

ବାଲିଆ/ବିରିଡ଼ି,୧୧।୩ (ଡି.ଏନ୍.ଏ.)

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାର ୨୪ଘଣ୍ଟା ନ ପୁରୁଣୁ ବିରିଡ଼ି ବ୍ଲକ ଅଧୀନ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ପୁରଣଠାରେ ଭାଜପା ସୋମବାର ବିରାଟ ସମାବେଶ କରିଛି। ଏହି ସମାବେଶରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ବିଜେଡି ଓ କଂଗ୍ରେସ ଉପରେ ବର୍ଷିଥିଲେ। ସେ କହିଲେ ଯେ, ୧୯ ବର୍ଷକାଳ କ୍ଷମତାରେ ରହି ନବୀନ ସରକାର ଖଣି, ପାଣି ଓ ଚିଟଫଣ୍ଡ ଦୁର୍ନୀତିରେ ବୁଡ଼ି ରହିଛି। ରାଜକୋଷ ଲୁଟ କରି ବଡ ବଡ ହୋର୍ଡିଂ ଲଗାଯାଇଛି। ରାଜ୍ୟ ସରକାର କାଳିଆ ଯୋଜନା ନୁହେଁ, ଓଡ଼ିଶାକୁ କଳାକନା ବୁଲାଇବା ଯୋଜନା କରିଛନ୍ତି। ଓଡ଼ିଶାରେ ପ୍ରତିଦିନ ୩ ରୁ ୪ ଝିଅ ବଳାତ୍କାରର ଶିକାର ହେଉଛନ୍ତି। ଏଠାରେ ନାରୀମାନେ ସୁରକ୍ଷିତ ନୁହନ୍ତି। ତେଣୁ ଏ ସରକାରକୁ ଓପାଡ଼ି ଫିଙ୍ଗଦେବା ସହ ଭାଜପା ଉପରେ ଆସ୍ଥା ପ୍ରକଟ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି କଂଗ୍ରେସ ଉପରେ ମଧ୍ୟ ସେ ବିଷୋଦଗାର କରିଥିଲେ। ସିନେ ତାରକା ଅନୁଚୌଧୁରୀ ଯୋଗଦେଇ ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଥିବା ଓ ପୀଡିତାଙ୍କୁ ନ୍ୟାୟ ପ୍ରଦାନରେ ସରକାର ବିଫଳ ହୋଇଥିବା ସମ୍ପର୍କରେ କହିଥିଲେ। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଭାଜପା ପ୍ରଭାରୀ ଲଲାଟେନ୍ଦୁ ବଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଭାଜପା କୃଷକ ମୋର୍ଚ୍ଚା ଉପଦେଷ୍ଟା ସଞ୍ଜୟ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଫେସର ରମାକାନ୍ତ ଭୋଇ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ପୁରଣ ମଣ୍ଡଳ ସଭାପତି ଆଲୋକ ପଣ୍ଡା, ରଘୁନାଥପୁର ଜିଲ୍ଲା ପରିଷଦ ସଭ୍ୟ ଅଶୋକ ମହାରଣା, ଯୁବନେତା ମାନସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶସ୍ଥଳକୁ ବିରିଡ଼ି, ତିର୍ତ୍ତୋଲ ଓ ରଘୁନାଥପୁର ଅଞ୍ଚଳରୁ ବହୁ ନେତା ଓ କର୍ମୀ ବାଇକ ଶୋଭାଯାତ୍ରାରେ ଆସିଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସିବାକୁ ଥିବାବେଳେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ତାଙ୍କ ଗସ୍ତ ବାତିଲ ହୋଇଥିବା କୁହାଯାଇଥିଲା।



ଭାଜପାର ସଂକଳ୍ପ ସମାବେଶରେ ଉପସ୍ଥିତ ନେତା।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଶତ୍ରୁକୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକରୀ ଶକ୍ତି
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବେଆଇନ୍ ଖାଦାନରୁ କମ୍ପ୍ରେସର, ଟ୍ରକ୍ ଜବତ

ଧର୍ମଶାଳା,୧୧।୩(ଡି.ଏନ.ଏ.): ଧର୍ମଶାଳା ତହସିଲ ଓ ପୋଲିସ ପକ୍ଷରୁ ସୋମବାର ମିଳିତ ଭାବେ ଚଢ଼ାଉ କରାଯାଇ ଜବରା କଳାପଥର ଖାଦାନରୁ ଗୋଟିଏ କମ୍ପ୍ରେସର ଓ ୨ ଟ୍ରକ୍ ଜବତ କରାଯାଇଛି। ଧର୍ମଶାଳା ତହସିଲ ଅନ୍ତର୍ଗତ ଜବରା ପାହାଡ଼ରୁ ବେଆଇନ ଭାବେ କଳାପଥର ଉତ୍ତୋଳନ କରି ମାଫିଆମାନେ ଅନ୍ୟତ୍ର ଚାଲାଣ କରିଆସୁଛନ୍ତି। ଏସମ୍ପର୍କରେ ଖବରପାଇ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି ଓ ଧର୍ମଶାଳା ଆଇଆଇସି ସରୋଜ ସାହୁ ସଦଳବଳେ ପାହାଡ଼ରେ ଚଢ଼ାଉ କରିଥିଲେ। ଏହି ସମୟରେ ଖାଦାନରେ ଚାଲୁଥିବା ଏକ କମ୍ପ୍ରେସରକୁ ଜବତ କରିବା ସହ ସେଠାରେ ଥିବା ୨ ଟ୍ରକ୍‌କୁ ଜବତ କରିଥିଲେ। ଜବତ ଟ୍ରକ୍ ଓ କମ୍ପ୍ରେସର ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ପଣ୍ଡା କହିଛନ୍ତି।

### ଆଉ ଜଣେ ଏଟିଏମ୍ ଲୁଟେରା କୋର୍ଟ ଚାଲାଣ

କୋରେଇ,୧୧।୩(ସ୍ୱ.ପ୍ର.): ପାଣିକୋଇଲି ଥାନା ଅଞ୍ଚଳର ଷ୍ଟେଟ ବ୍ୟାଙ୍କ୍ ଜମାକାରୀଙ୍କ ଜମାଖାତାରୁ ବାହାର ରାଜ୍ୟରୁ ଟଙ୍କା ଉଠାଣ ନେଇ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ଜାଲ ବିଛାଇଥିଲା। ଏହାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ପରେ ତାଙ୍କର ଜଣେ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ଆଉ ଜଣେ ଏଟିଏମ୍ ଲୁଟେରାଙ୍କୁ କୋର୍ଟ ଚାଲାଣ କରିଛି। ଏ ନେଇ ଏକ ମାମଲା (ନଂ.୯/୧୯) ରୁଜୁ କରିଛି। ଅଭିଯୁକ୍ତ ହେଲେ କଟକ ଜିଲା ନରସିଂପୁର ଥାନା ଚକରାଗଡା ଗ୍ରାମର ସୌମ୍ୟରଞ୍ଜନ ନାୟକ ଓରଫ ଲିପୁ (୩୨)।

### କାଏମା ପ୍ରିମିୟର ଲିଗ୍ କ୍ରିକେଟ ବନ୍ଧୁ, ଜେନାପୁର ବିଜୟୀ

ଧର୍ମଶାଳା,୧୧।୩(ଡି.ଏନ.ଏ.): ଧର୍ମଶାଳା ବ୍ଲକ କାଏମା ନେତାଜୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଚାଲିଥିବା କାଏମା ପ୍ରିମିୟର ଲିଗ୍‌ର ସୋମବାର ଦ୍ୱିତୀୟ ଦିବସରେ ବନ୍ଧୁ ଓ ଜେନାପୁର ଟିମ ବିଜୟୀ ହୋଇଛି। ବନ୍ଧୁ ଓ ଆରୁହା ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବନ୍ଧୁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୦୭ ରନ କରିଥିଲା। ଜବାବରେ ଆରୁହା ୧୨ ଓଭରରେ ୭ ଉଇକେଟ ହରାଇ ୮୨ ରନ କରି ପରାସ୍ତ ହୋଇଥିଲା। ସେହିପରି ଜେନାପୁର ଓ ନିହଲପ୍ରସାଦ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜେନାପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୧୭ରନ କରିଥିଲା। ଜବାବରେ ନିହଲପ୍ରସାଦ ୧୨ ଓଭରରେ ୭ ଉଇକେଟ ହରାଇ ୯୧ ରନ କରି ପରାସ୍ତ ହୋଇଥିଲା। ମନୋଜ ବାରିକ ଓ ଚିତ୍ତରଞ୍ଜନ ମହାନ୍ତି ଖେଳ ପରିଚାଳନା କରିଥିଲେ।

### ଆଚରଣ ବିଧି ଲାଗୁ ପରେ ହଟିଲା ବ୍ୟାନର, ହୋର୍ଡିଂ

ଚଣ୍ଡିଖୋଲ,୧୧।୩(ଡି.ଏନ.ଏ.): ନିର୍ବାଚନ କମିଶନ ରବିବାର ନିର୍ବାଚନ ତାରିଖ ଘୋଷଣା କରିବା ପରେ ଆଚରଣ ବିଧି ଲାଗୁ ହୋଇଛି। ଆଚରଣ ବିଧି ଲାଗୁ ହେବା ପରେ ପୋଲିସ ଓ ପ୍ରଶାସନ ତରଫରୁ ମିଳିତ ଭାବେ ଜାତୀୟ ରାଜପଥ ସମେତ ବିଭିନ୍ନ ସର୍ବସାଧାରଣ ସ୍ଥାନରେ ଦୀର୍ଘଦିନ ଧରି ଲାଗିଥିବା ବିଭିନ୍ନ ଦଳୀୟ ପୋଷ୍ଟର, ବ୍ୟାନର ଓ ବଡ଼ ବଡ଼ ହୋର୍ଡ଼ିଂଗୁଡ଼ିକ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ସୋମବାର ପୋଲିସ ହଟାଇ ଦେଇଛି। ବଡ଼ଚଣା ବ୍ଲକ୍‌ର ବୈରୀ ଥାନା ଅନ୍ତର୍ଗତ ଛତିଆ, ବୈରୀ, ଚମ୍ପାପୁର, ସମିଆ ପ୍ରଭୃତି ସ୍ଥାନରୁ ଶହ ଶହ ପୋଷ୍ଟର ଓ ବ୍ୟାନର ହଟାଯାଇଥିଲା ବେଳେ ବଡ଼ଚଣା ଥାନାର ଚଣ୍ଡିଖୋଲ, ବଡ଼ଚଣା, ଧାନମଣ୍ଡଳ, ଦର୍ପଣଗଡ଼, ଶାଳପଡ଼ା ପ୍ରଭୃତି ସ୍ଥାନରୁ ମଧ୍ୟ ବ୍ୟାନର ଖୋଲାଯାଇଛି। ସେହିଭଳି ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ବାଲିଚନ୍ଦ୍ରପୁର ବଜାର ସମେତ ଚାରିନଙ୍ଗଳ, ଗଜେନ୍ଦ୍ରପୁର, ବାଲିକୁଦା, କୃଷ୍ଣଦାସପୁର ଆଦି ସ୍ଥାନରେ ଲାଗିଥିବା ଦଳୀୟ ପତାକା, ବ୍ୟାନର ଓ ହୋର୍ଡିଂକୁ ପୋଲିସ ଖୋଲିଦେଇଛି। ଏହି ଅଭିଯାନରେ ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା, ବୈରୀ ଥାନାଧିକାରୀ ନିରଞ୍ଜନ ଶବର, ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ ପାତ୍ର, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ସଦଳବଳେ ସାମିଲ ହୋଇଥିଲେ।

## ୨୯ରେ ଯାଜପୁର ଜିଲାରେ ମତଦାନ

# ୧୪ ଲକ୍ଷ ୪୪ ହଜାର କରିବେ ମତଦାନ

ଯାଜପୁର ଅଫିସ,୧୧।୩

ଯାଜପୁର ଜିଲାର ୧ ଲୋକସଭା ଓ ୭ ବିଧାନସଭା ଆସନ ପାଇଁ ଏପ୍ରିଲ ୨୯ରେ ମତଦାନ କରାଯିବ। ଏଥିପାଇଁ ଏପ୍ରିଲ ୨ରୁ ନାମାଙ୍କନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। ୯ରେ ନାମାଙ୍କନ ପତ୍ର ଦାଖଲର ଶେଷ ଓ ୧୦ରେ ଯାଞ୍ଚ କରାଯିବ। ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିବାବେଳେ ସେହିଦିନ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଜିଲାର ୧୬୧୯ ମତଦାନ କେନ୍ଦ୍ରରେ ୧୪,୪୩,୫୭୭ ମତଦାତା ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିପାରିବେ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏ ସମ୍ପର୍କରେ ଏକ ବୈଠକ ହୋଇଥିଲା। ଏଥିରେ ଜିଲାପାଳ ଦାସ କହିଲେ ଯେ, ଚଳିତ ନିର୍ବାଚନରେ ଇଭିଏମ୍ ସହ ଭିଭିପିଏଟିର ବ୍ୟବହାର ହେବ। ଭୋଟରଙ୍କୁ ସଚେତନତା କରିବା ପାଇଁ ୨ଟି ପର୍ଯ୍ୟାୟରେ ଏହାର ବ୍ୟବହାର ସମ୍ପର୍କରେ କୌଶଳ ପ୍ରଦର୍ଶନ କରାଯାଇଛି। ଆଦର୍ଶ ଆଚରଣବିଧି ପାଳନ ପାଇଁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଛି। ସମସ୍ତ ତହସିଲଦାର, ବିଡିଓ, ପୌରନିର୍ବାହୀ ଅଧିକାରୀଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ୮ଟି ଟିମ୍ ଗଠନ କରାଯାଇଛି। ସହକାରୀ ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକ, ଆକାଉଣ୍ଟସ ଟିମ, ଷ୍ଟାଟିକ ସର୍ଭିଲାନ୍ସ, ଭିଡିଓ ଭିଉଜ ଟିମ୍, ଭିଡିଓ ସର୍ଭିଲାନ୍ସ ଟିମ୍, ଫ୍ଲାଇଂ ସ୍କ୍ୱାର୍ଡ, ଏମସିସି (ମଡେଲ କୋଡ ଅଫ କଣ୍ଡକ୍ଟ) ଓ ଏମସିଏମସି (ମିଡିଆ ସାର୍ଟିଫିକେଶନ ଆଣ୍ଡ ମନିଟରିଂ କମିଟି) ନାମରେ ଏହି ଟିମଗୁଡିକ କାର୍ଯ୍ୟ କରୁଛି। ଡିଗ୍ରୀ କଲେଜଗୁଡିକରେ ଇଲେକ୍ଟୋରାଲ ଲିଟେରେସି କ୍ଲବ କରାଯାଇ ଭୋଟରଙ୍କୁ ସଚେତନ କରାଯାଇଛି। ବିଭିନ୍ନ ଲୋକକଳା, ସଚେତନତା ରଥ, ପ୍ରତିଯୋଗିତା ମାଧ୍ୟମରେ ଭୋଟଦାନ ପାଇଁ ଜାଗରଣ ସୃଷ୍ଟି କରାଯାଉଛି। ୨୬୪ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇ ସେଠାରେ ୱେବ୍ ହଷ୍ଟିଙ୍ଗ, ମାଇକ୍ରୋ ଅବ୍‌ଜରଭର, ଭିଡିଓଗ୍ରାଫି ଓ ଷ୍ଟିଲ ଫଟୋ ଉଠାଇବା ବ୍ୟବସ୍ଥା କରାଯାଇଛି। ୧୭୩ ସେକ୍ଟର ମାଜିଷ୍ଟ୍ରେଟ୍ ଓ ସେକ୍ଟର ପୋଲିସ୍ ଅଫିସରଙ୍କୁ ନିୟୋଜିତ କରାଯାଇଛି। ଜିଲାପାଳ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ରିଟର୍ନିଂ ଅଫିସର ଥିବାବେଳେ କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସୁକିନ୍ଦା ଓ କୋରାଇ ବିଧାନସଭା, ଯାଜପୁର ଅତିରିକ୍ତ ଜିଲାପାଳ ବଡ଼ଚଣା ଓ ଧର୍ମଶାଳା, ଉପଜିଲାପାଳ ବିଞ୍ଝାରପୁର ଓ ଯାଜପୁର, ଅତିରିକ୍ତ ଉପଜିଲାପାଳ ବରୀ ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ଭାବେ ନିଯୁକ୍ତ ହୋଇଛନ୍ତି। ନିର୍ବାଚନ କାର୍ଯ୍ୟରେ ୧୧,୬୫୭ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଆଇନଶୃଙ୍ଖଳା ରକ୍ଷା ପାଇଁ ଏନବିଡବ୍ଲ୍ୟୁରେ ୧୪୩ ମାମଲା ରୁଜୁ କରାଯାଇ ୩୩୧ ଜଣଙ୍କୁ ଅଟକ ରଖାଯାଇଛି ବୋଲି ଏସପି ଚରଣସିଂ ମୀନା ସୂଚନା ଦେଇଥିଲେ।

- ଜିଲାରେ ୧୬୧୯ ବୁଥ
- ୨୬୪ ସମ୍ବେଦନଶୀଳ ବୁଥ ଚିହ୍ନଟ
- ୧୧,୬୫୭ କର୍ମଚାରୀ ନିୟୋଜିତ

## ୫ ବାଲି ଗାଡ଼ି ଜବତ, ୩୪ ହଜାର ଜରିମାନା ଆଦାୟ

ରସୁଲପୁର,୧୧।୩(ଡି.ଏନ.ଏ.)

ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ସୋମବାର ଭୋରରେ ବାଲି ବୋଝେଇ ୪ଟି ହାଇୱା ଓ ଗୋଟିଏ ୪୦୭କୁ ଜବତ କରିଛନ୍ତି। ଜବତ ଗାଡିଗୁଡିକ ମଧ୍ୟରୁ ୩ଟି ହାଇୱାଠାରୁ ୩୦ହଜାର ଓ ୪୦୭ ଟ୍ରକଠାରୁ ୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟ ଏକ ହାଇୱା ମାଲିକ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ନ ଥିବାରୁ ତାଠାରୁ କୌଣସି ପାଉଣା ଆଦାୟ କରାଯାଇନାହିଁ। ଉକ୍ତ ହାଇୱା ଉପରେ ୧୫ହଜାର ଟଙ୍କା ଜରିମାନା ଲାଗୁ ହୋଇଛି । ତହସିଲଦାର ଏ ସମସ୍ତ ଗାଡିକୁ କୁଆଖିଆ ଛକ ନିକଟରୁ ଜବତ କରିଥିଲେ। ଏଥିରେ କୁଆଖିଆ ପୋଲିସ ସହାୟତା କରିଥିଲା।

## ରାଜନୈତିକ ହୋର୍ଡିଂ ହଟାଇଲା ପ୍ରଶାସନ



ବିଭିନ୍ନ ସ୍ଥାନରୁ ବ୍ୟାନର ଓ ହୋର୍ଡିଂ ହଟାଯାଉଛି।

ରସୁଲପୁର,୧୧।୩(ଡି.ଏନ.ଏ.)

ସାଧାରଣ ନିର୍ବାଚନ ପାଇଁ ରବିବାର ସନ୍ଧ୍ୟାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏଥିପାଇଁ ରସୁଲପୁର ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ଉମାକାନ୍ତ ପରିଡା ନୋଡାଲ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ଲାଗିଥିବା ରାଜନୈତିକ ହୋର୍ଡିଂ ଓ ବ୍ୟାନର ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ, ବ୍ଲକର ବିଭିନ୍ନ ପଞ୍ଚାୟତରେ ଲାଗିଥିବା ୨୦୦୦ରୁ ଊର୍ଦ୍ଧ୍ୱ ବ୍ୟାନର ଓ ପୋଷ୍ଟର ହଟାଇ ଦିଆଯାଇଛି। ନିର୍ବାଚନ ଅଧିକାରୀ ପରିଡା, ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ନେଇ ଏକ ଟିମ୍ କୁଆଖିଆ ବାଜରରେ ଲାଗିଥିବା ବ୍ୟାନର ଓ ହୋଡିଂକୁ ହଟାଇଥିଲେ। ପଞ୍ଚାୟତର କେତେକ ସ୍ଥାନରେ ବିପଦପୂର୍ଣ୍ଣ ସ୍ଥାନରେ ହୋର୍ଡିଂ ଲାଗିଛି। ବିଶେଷ କରି ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ହୋର୍ଡିଂ ହଟାଇବାରେ ଅସୁବିଧା ହେଉଛି। ଉକ୍ତ ସ୍ଥାନରୁ ହୋର୍ଡିଂ ହଟାଇବା ନେଇ ବିଦ୍ୟୁତ ବିଭାଗକୁ ଅବଗତ କରାଯାଇଛି। ଏଥିସହ ବ୍ଲକ ଓ ପଞ୍ଚାୟତରେ କୌଣସି ନୂତନ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯିବ ନାହିଁ। ପ୍ରତ୍ୟେକ ରେଜିଷ୍ଟରକୁ ସିଜ୍ କରାଯାଇଥିବା କୁହାଯାଇଛି।

## ଆଦର୍ଶ ଆଚରଣ ବିଧି କଡ଼ାକଡ଼ି ପାଳନ କରିବାକୁ ଜିଲାପାଳଙ୍କ ଗୁରୁତ୍ୱ

# ୨୪ ଘଣ୍ଟା ମଧ୍ୟରେ ହଟାଅ ହୋର୍ଡିଂ

ଯାଜପୁର ଅଫିସ,୧୧।୩

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ରବିବାର ତାରିଖ ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ସେହି ଅନୁଯାୟୀ ଯାଜପୁର ଜିଲାରେ ଆଦର୍ଶ ଆଚରଣ ବିଧି କଡ଼ାକଡି ଭାବେ ପାଳନ କରିବା ଓ ଯେପରି କୌଣସି କ୍ଷେତ୍ରରେ ଏହାର ଉଲ୍ଲଂଘନ ନ ହୁଏ, ସେଥିପ୍ରତି ପଦକ୍ଷେପ ନେବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଗୁରୁତ୍ୱାରୋପ କରିଛନ୍ତି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଏଥିରେ ଜିଲାପାଳ ଦାସ ଅଧ୍ୟକ୍ଷତା କରି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ଲାଗିଥିବା ରାଜନୈତିକ ହୋର୍ଡିଂ, ବ୍ୟାନର ଓ ପୋଷ୍ଟର ଆଦିକୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ପ୍ରତ୍ୟେକ ତହସିଲଦାର, ପୌର ନିର୍ବାହୀ ଅଧିକାରୀଙ୍କୁ ହୋର୍ଡିଂ, ବ୍ୟାନର ଆଦିର ତାଲିକା ପ୍ରସ୍ତୁତି ପାଇଁ କୁହାଯାଇଥିଲା। ସେହି ତାଲିକା ଅନୁଯାୟୀ, ଯୁଦ୍ଧକାଳୀନ ଭିତ୍ତିରେ ଏସବୁ ଅପସାରଣ କରି ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୌଣସି ସରକାରୀ ସ୍ଥାନରେ ରାଜନୈତିକ ବ୍ୟକ୍ତି ବିଶେଷ ସଭା ସମିତି କରିବାକୁ ଚାହୁଁଥିଲେ, ଫାଷ୍ଟ କମ୍ ଫାଷ୍ଟ ସର୍ଭିସ ନୀତିରେ ଏହା ଦିଆଯିବ। କିନ୍ତୁ ଏହାର ବ୍ୟବହାର ପାଇଁ ଲ୍ୟାଣ୍ଡ ଚାର୍ଜ ଆଦାୟ କରାଯିବ। କୌଣସି ଶିକ୍ଷାନୁଷ୍ଠାନ ବା ଧାର୍ମିକସ୍ଥଳ ପରିସରରେ ରାଜନୈତିକ ସଭା, ସମାବେଶ କରାଯାଇ ପାରିବନାହିଁ। କୌଣସି ପ୍ରାର୍ଥୀ ପ୍ରତିପକ୍ଷର ଚରିତ୍ର ସଂହାର, ଉତ୍ତେଜନା ସୃଷ୍ଟି କରିବା, ଗୋଷ୍ଠୀ ସଂଘର୍ଷ କରିବା ଭଳି କାର୍ଯ୍ୟ ବା ବକ୍ତବ୍ୟ ଦେଇପାରିବେ ନାହିଁ। କୌଣସି କ୍ଷେତ୍ରରେ ଧର୍ମ, ଜାତି, ବର୍ଣ୍ଣ ସମ୍ପର୍କରେ ଟିପ୍ପଣୀ ଦିଆଯିବ ନାହିଁ କିମ୍ବା କୌଣସି ଶହୀଦଙ୍କ ଫଟୋ ବ୍ୟବହାର ହୋଇପାରିବ ନାହିଁ। କୌଣସି ସରକାରୀ ଡାକ ବଙ୍ଗଳାରେ ଜେଡ୍ ବା ଜେଡ୍ ପ୍ଲସ୍ ସିକ୍ୟୁରିଟି ପାଇଥିବା ବ୍ୟକ୍ତି ବିଶେଷଙ୍କ ଭିନ୍ନ ଅନ୍ୟ କାହାକୁ ପ୍ରବେଶ ନିଷେଧ। ସମସ୍ତ ଉନ୍ନୟନ କାର୍ଯ୍ୟର ୱାର୍କ ଅର୍ଡର ରେଜିଷ୍ଟରକୁ ସିଜ୍ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ନିଜେ ବିଭିନ୍ନ ୱାର୍କ ଅର୍ଡର ଖାତା ତନଖି କରିଥିଲେ। ନିଜ ଅଞ୍ଚଳରେ ଥିବା ସମସ୍ତ ପ୍ରିଣ୍ଟିଂ ପ୍ରେସର ସୂଚନା ରଖିବା, ସେମାନେ ଛାପୁଥିବା ରାଜନୈତିକ ବ୍ୟାନର, ପୋଷ୍ଟର, ଲିଫଲେଟ୍ ଆଦିରେ ପ୍ରେସ ନାମ, ସଂଖ୍ୟା ଆଦି ଉଲ୍ଲେଖ କରିବାକୁ କୁହାଯାଇଛି। ତହସିଲଦାର, ବିଡିଓ ଓ ପୌର ନିର୍ବାହୀ ଅଧିକାରୀ ଏସବୁ ତଦାରଖ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ବିଭିନ୍ନ ଦଳର କର୍ମକର୍ତ୍ତାଙ୍କୁ ସଚେତନ କରାଯିବ। ବୈଠକରେ ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା, କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜ କିଶୋର ଦୋରା, ଅକ୍ଷୟ କୁମାର ଦାସ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଅତିରିକ୍ତ ଉପଜିଲାପାଳ ଚିନ୍ମୟୀ ବିଶ୍ୱାଳ, ନିର୍ବାଚନ ଡେପୁଟି କଲେକ୍ଟର କାଜଲ ପ୍ରଧାନଙ୍କ ସହ ସମସ୍ତ ବିଡିଓ, ତହସିଲଦାର ଉପସ୍ଥିତ ଥିଲେ।

### ଜମିବାଡ଼ି ବିବାଦରୁ ଗଣ୍ଡଗୋଳ, ୧୦ ଆହତ

ରସୁଲପୁର,୧୧।୩(ଡି.ଏନ.ଏ.)

କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ଗ୍ରାମରେ ସୋମବାର ଜମିବାଡି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇଛି। ଜମିବାଡିକୁ ନେଇ ବଳରାମ ଦାସ ଓ କୃଷ୍ଣ ଚନ୍ଦ୍ର ଦାସଙ୍କ ମଧ୍ୟରେ ବିବାଦ ରହିଥିଲା। ସୀମା ନିର୍ଦ୍ଧାରଣକୁ ନେଇ ସହମତି ନ ହେବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ବଳରାମ ଦାସଙ୍କ ସାନଭାଇ ଶ୍ରୀଧର, ପୁଅ ସଞ୍ଜୟ ଓ ଅନ୍ୟପକ୍ଷରୁ କୃଷ୍ଣ ଦାସଙ୍କ ପୁଅ ଆରତ ଓ ପରମାନନ୍ଦ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ ଉଭୟ ପକ୍ଷରୁ କିଛି ଲୋକଙ୍କୁ ଥାନାକୁ ଆଣି ଅଟକ ରଖିଛି।

## ରାଜେନ୍ଦ୍ରପୁରରେ ବୃଦ୍ଧି ପାଉଛି ବାଲି ଚାଲାଣ

# ଛଡ଼ାଇନେଲେ ବେଆଇନ ବାଲି ଟ୍ରାକ୍ଟର

ରସୁଲପୁର,୧୧।୩(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତରେ ବାଲି ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। କିନ୍ତୁ ଏହାର କିଛି ସମୟରେ ପରେ ସମ୍ପୃକ୍ତ ଟ୍ରାକ୍ଟରର ମାଲିକଙ୍କ ଭାଇ ତହସିଲ ପରିସରରୁ ଉକ୍ତ ଟ୍ରାକ୍ଟର ଛଡ଼ାଇ ନେଇଛନ୍ତି। ପ୍ରକାଶ ଯେ, ଏହି ପଞ୍ଚାୟତରେ ତହସିଲ ପକ୍ଷରୁ ରଣେଶ୍ୱରୀ ବାଲିଘାଟ ଲିଜ୍ ଦିଆଯାଇଛି। କିନ୍ତୁ ଚୋରାରେ ବାଲି ବ୍ୟବସାୟ କରୁଥିବା ଲୋକମାନେ ଏଠାରୁ ବାଲି ଉତ୍ତୋଳନକୁ ବିରୋଧ କରି ଆଉ ଏକ ଘାଟରୁ ବେଆଇନ୍ ଭାବେ ବାଲି ଉଠାଉଛନ୍ତି। ଘାଟ ନିଲାମଧାରୀ କୈଳାସ ସାହୁ ଏହାକୁ ବିରୋଧ କରିବାରୁ ଶୁକ୍ରବାର ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏଥିସହ ଅଭିଯୁକ୍ତମାନେ ନିଲାମଧାରୀଙ୍କ ପରିବାର ଲୋକଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ନିଲାମଧାରୀ ସାହୁ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଏଥିସହ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରି ସୁରକ୍ଷା ଓ ସହଯୋଗ ଦାବି କରିଥିଲେ। ସୋମବାର ରଣେଶ୍ୱରୀ ବାଲିଘାଟରୁ ବାଲି ଉଠାଯାଉଥିବାବେଳେ ସମ୍ପୃକ୍ତ ଲୋକମାନେ ଅଟକାଇଥିଲେ। ଖବରପାଇ ତହସିଲଦାର ପୋଲିସ ଫୋର୍ସ ସହ ସେଠାରେ ପହଞ୍ଚିବାରୁ ସେମାନେ ଫେରାର ହୋଇଯାଇଥିଲେ। ଏହି ସମୟରେ ନିକଟସ୍ଥ ଅନ୍ୟ ଏକ ବାଲିଘାଟରୁ ବାଲି ବୋଝେଇ କରି ନେଉଥିବା ଏକ ଟ୍ରାକ୍ଟରକୁ ତହସିଲଦାର ଜବତ କରିଥିଲେ। ଏହାର କିଛି ସମୟ ପରେ ତହସିଲଦାର କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାବେଳେ ସମ୍ପୃକ୍ତ ଟ୍ରାକ୍ଟର ମାଲିକଙ୍କ ଭାଇ ଆସି ଟ୍ରାକ୍ଟର ନେଇଯାଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ତହସିଲ କର୍ମଚାରୀ ତାଙ୍କୁ ଅଟକାଇ ନ ଥିଲେ କି ନିକଟସ୍ଥ କୁଆଖିଆ ଥାନାକୁ ଜଣାଇ ନ ଥିଲେ। ତେଣୁ ଏହି ଘଟଣାରେ ତହସିଲ କର୍ମଚାରୀଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ତହସିଲଦାର କହିଛନ୍ତି ଯେ, ସେ ଦିନତମାମ ବିଭିନ୍ନ ମିଟିଂରେ ବ୍ୟସ୍ତଥିଲେ। ସନ୍ଧ୍ୟାରେ ଆସି ଦେଖନ୍ତି ତ ଉକ୍ତ ଟ୍ରାକ୍ଟର ଛଡ଼ାଇ ନିଆଯାଇଛି। ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ: କାନପୁର, ଲାଲବେଗୀ ବିଜୟୀ

ଛତିଆ,୧୧।୩(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀସ୍ଥିତ ବୈରୀ ଖେଳ ପଡ଼ିଆରେ ବିଜୟ କୁମାର ମହାନ୍ତି ଆଣ୍ଡ ହର ପ୍ରସାଦ ସ୍ୱାଇଁ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଗ୍ରାମାଞ୍ଚଳର ୮ ଟିମ୍ ଭାଗ ନେଇଛନ୍ତି। ପ୍ରଥମେ ବଡ଼ଶିଳା ଓ କାନପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କାନପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୧୫ ରନ୍ ସଂଗ୍ରହ କରିଥିଲା। ଜବାବରେ ବଡ଼ଶିଳା ୧୦ ଓଭରରେ ୮ ଉଇକେଟ୍ ହରାଇ ୧୦୯ ରନ୍ କରି ପରାସ୍ତ ହୋଇଥିଲା। ଖଙ୍କିରା ଏବଂ ଲାଲବେଗୀ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଲାଲବେଗୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୦୫ ରନ୍ କରିଥିଲା। ଜବାବରେ ଖଙ୍କିରା ୧୦ ଓଭରରେ ୬ ଉଇକେଟ୍ ହରାଇ ୧୦୫ ରନ୍ କରିବାରୁ ମ୍ୟାଚ୍ ଡ୍ର ହୋଇଥିଲା। ପରେ ସୁପର ଓଭର ଖେଳ ହୋଇଥିଲା। ଏଥିରେ ଲାଲ୍‌ବେଗୀ ବିଜୟ ହାସଲ କରିଥିଲା। ମିଲନ୍ କୁମାର ନାୟକ ଏବଂ ପ୍ରଭୁ ପ୍ରସାଦ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବୈରୀ ପଞ୍ଚାୟତ ସରପଞ୍ଚ ବିଷ୍ଣୁପ୍ରିୟା ସାହୁ ଓ ସମିତି ସଭ୍ୟ କ୍ଷିତୀଶ କୁମାର ନାୟକ ଯୋଗ ଦେଇଥିଲେ। ପ୍ରତିଦିନ ୨ଟି ଲେଖାଏ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

## ମଧୁବାବୁ ପେନ୍‌ସନ ଯୋଜନାରୁ ବଞ୍ଚିତ ହିତାଧିକାରୀ

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବିରଜାକ୍ଷେତ୍ର,୧୧।୩(ଡି.ଏନ୍.ଏ.)

ମଧୁବାବୁ ପେନସନ୍ ଯୋଜନାରୁ ବଞ୍ଚିତ ଶତାଧିକ ହିତାଧିକାରୀ ସୋମବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ବିଞ୍ଝାରପୁର ବ୍ଲକ ଜରୀ ପଞ୍ଚାୟତର ଶତାଧିକ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବାରୁ ସ୍ଥାନୀୟ ବିଧାୟିକା ଓ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଜଣାଉଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଜରୀ ପଞ୍ଚାୟତର ସମିତି ସଭ୍ୟ ଭୁବନାନନ୍ଦ ସାମଲ, ନାଏବ ସରପଞ୍ଚ ଦୁଷ୍ମନ୍ତ ମଲ୍ଲିକ, ୱାର୍ଡମେମ୍ବର ନାରାୟଣ ସେଠୀଙ୍କ ନେତୃତ୍ୱରେ ହିତାଧିକାରୀ ଭତ୍ତା ଦାବିରେ ଧାରଣାରେ ସାମିଲ ହୋଇଥିଲେ। ଯୁବନେତା ମନୋରଞ୍ଜନ ଦାସ ହିତାଧିକାରୁ ନୈତିକ ସମର୍ଥନ ଜଣାଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ହିତାଧିକାରୀମାନେ ଧାରଣାରେ ବସିରହିଛନ୍ତି। ଜିଲା ପ୍ରଶାସନର କୌଣସି ପଦାଧିକାରୀ ହିତାଧିକାରୀଙ୍କ ନିକଟରେ ପହଞ୍ଚି ନ ଥିବା ଜାଣିବାକୁ ମିଳିଛି।



ହିତାଧିକାରୀମାନେ ଧାରଣାରେ ବସିଛନ୍ତି।

ବିଞ୍ଝାରପୁର ବ୍ଲକ ଜରୀ ପଞ୍ଚାୟତରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀ ମଧୁବାବୁ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ୬ ମାସ ତଳେ ବ୍ଲକ୍ ପ୍ରଶାସନକୁ ନିବେଦନ କରିଥିଲେ। ଭତ୍ତା ପାଇବା ପାଇଁ ଆବଶ୍ୟକ କାଗଜପତ୍ର ସହ ଦରଖାସ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ହିତାଧିକାରୀ ଆଇଏନଓପି ଯୋଜନାରେ ଭତ୍ତା ପାଇବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଥିଲେ। ହିତାଧିକାରୀଙ୍କ ତୁରନ୍ତ ଅନୁସନ୍ଧାନ କରି ଯୋଗ୍ୟ ହିତାଧିକାରୀ ତାଲିକାକୁ ସୁପାରିସ କରି ପଠାଇବାକୁ ଯାଜପୁର ଉପଜିଲାପାଳ ଏକ ପତ୍ର ମାଧ୍ୟମରେ ବିଞ୍ଝାରପୁର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶନାମା ଦେଇଥିଲେ। କିନ୍ତୁ ପରିତାପର ବିଷୟ ସମ୍ପୃକ୍ତ ହିତାଧିକାରୀଙ୍କ ଦରଖାସ୍ତ ବ୍ଲକ କାର୍ଯ୍ୟାଳୟରୁ ଉଭାନ ହୋଇଗଲା ଏବଂ ପୁନର୍ବାର ଦରଖାସ୍ତ କରିବାକୁ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ମୌଖିକ ପରାମର୍ଶ ଦେଇଥିଲେ। ଫଳରେ ହିତାଧିକାରୀମାନେ ପୁନର୍ବାର ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ପ୍ରଦାନ କରାଯାଇନାହିଁ। ସମସ୍ତ ହିତାଧିକାରୀଙ୍କ ବୟସ ୬୦ରୁ ଊର୍ଦ୍ଧ୍ୱ ହେବ। ଅପରପକ୍ଷରେ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ବେଳେ ଗତ ଫେବୃୟାରୀରେ ଆୟୋଜିତ ଭତ୍ତା ବଣ୍ଟନ ମେଳାରେ ଅଯୋଗ୍ୟ ହିତାଧିକାରୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଭତ୍ତା ପ୍ରଦାନ କରାଯାଇଥିବା ଯୋଗ୍ୟ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏପରିକି ମୃତ୍ୟୁ ହୋଇଯାଇଥିବା ହିତାଧିକାରୀଙ୍କ ସ୍ଥାନରେ ଅନ୍ୟ ପଞ୍ଚାୟତର ହିତାଧିକାରୀଙ୍କୁ ସାମିଲ କରାଯାଇ ଜରୀ ପଞ୍ଚାୟତର ହିତାଧିକାରୀଭାବେ ସେମାନଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି।

## ଜମିପଟ୍ଟା ପ୍ରଦାନ ଦାବିରେ ଭୋଟ ବର୍ଜନ ଚେତାବନୀ

ସୁକିନ୍ଦା, ୧୧।୩(ଡ.ଏନ୍.ଏ.)

ଭୂମୀହିନଙ୍କୁ ପଟ୍ଟା ଦାବିରେ ଗାଁରୁ ଆନ୍ଦୋଳନ ଅଭିଯାନ ପକ୍ଷରୁ ସୋମବାର ସୁକିନ୍ଦା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ସ୍ଥାନୀୟ ସର୍ତ୍ତାର କ୍ରିକେଟ କ୍ଲବ ଖେଳ ପଡିଆଠାରୁ ଏକ ବିଶାଳ ଶୋଭାଯାତ୍ରାରେ ସୁକିନ୍ଦାଗଡ ପରିକ୍ରମା କରି ଆନ୍ଦୋଳନକାରୀମାନେ ତହସିଲ କାର୍ଯ୍ୟାଳରେ ପହଞ୍ଚିଥିଲେ। ସୁକିନ୍ଦାଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀ ଆନ୍ଦଳନକାରୀଙ୍କୁ ଅଟକାଇବାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ତହସିଲ କାର୍ଯ୍ୟାଳୟରେ ଆନ୍ଦୋଳନକାରୀଙ୍କ ଦ୍ୱାରା କରାଯାଇଥିବା ଟେଣ୍ଟ ଭଙ୍ଗାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଆନ୍ଦୋଳନକାରୀମାନେ ତହସିଲଦାରଙ୍କ ଅନୁପସ୍ଥିତିରେ ତହସିଲ ମୁଖ୍ୟ କିରାଣିଙ୍କୁ ଦାବିପ୍ରତ୍ର ପ୍ରଦାନ କରିଥିଲେ। ଅଗାମୀ ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ନିର୍ବାଚନୀ ଭୋଟ ବାତିଲ ନେଇ ଚେତାବନୀ ଦେଇଛନ୍ତି।

ସୁକିନ୍ଦା ତହସିଲ ଅଧୀନ ପୁବଳ, ବରପାଳ, ପଳାସଖଳି, ଢୁବିଖାଲ, ଅତା, ବଞ୍ଜା, ସୁକିନ୍ଦାଗଡର ସଂଖ୍ୟାଲଘୁ ବସ୍ତି, ଦଳିତ ବସ୍ତିବାସିନ୍ଦାଙ୍କ ସହ ସୁକିନ୍ଦା ତହସିଲ ଅଞ୍ଚଳରେ ବସବାସ କରୁଥିବା କେତେକ ଗ୍ରାମବାସୀଙ୍କୁ ଘରଡିହ ପଟ୍ଟା ମିଳିପାରି ନାହିଁ। ଫଳରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ଏହାର ବିରୋଧରେ ଗାଁରୁ ଆନ୍ଦଳନ ଅଭିଯାନ ସୁକିନ୍ଦା ପକ୍ଷରୁ ସଭାପତି ଶୁସାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଶାତାଧିକ ଗ୍ରାମବାସୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ହେଲେ ତହସିଲଦାର ବିଶ୍ୱଜିତ ଦାସ ଆନ୍ଦୋଳନ କାରୀଙ୍କୁ ସୂଚନା ନ ଦେଇ ମରାଯାଇଥିବା ଟେଣ୍ଟକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ତହସିଲ ଦାର ନିଜେ ଅନୁପସ୍ଥିତ ରହିବା ନେଇ ଆନ୍ଦୋଳନକାରୀ କ୍ଷୋଭ ପ୍ରକାଶ କରିଥିଲେ। ତହସିଲଦାର ବିଶ୍ୱଜିତ ଦାସଙ୍କୁ ପଚାରିବାରୁ କୋର୍ଡ ଅଫ କଣ୍ଡକ୍ଟ ଲାଗୁ କରାଯାଇଥିବାରୁ ଏପରି କରାଯାଇଛି। ତେବେ ପଟ୍ଟା ପାଇଁ ଦାବିପତ୍ର ପ୍ରଦାନ କରିଥିବା ଆନ୍ଦୋଳନକାରୀଙ୍କ ଘଟଣାରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ଗଣଧାରଣାରେ ନରେନ୍ଦ୍ର ମହାନ୍ତି, ପ୍ରମୋଦିନି ପ୍ରଧାନ, ସଞ୍ଜୟ କୁମାରଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



ତୃଷାର୍ତ୍ତ ଲୋକେ ନଦୀ ପାଣି ପିଇଲେ ଯେପରି ପାଣି ଶୁଖେ ନାହିଁ, ସେହିପରି ଦାନ ଦ୍ୱାରା କେବେହେଲେ ଧନର କ୍ଷୟ ଘଟି ନ ଥାଏ।

- ସନ୍ଥ କବୀର ଦାସ

## ସଂକ୍ଷେପରେ

### ରାସାୟନିକ ସାର ମଣିଷର କ୍ଷତି ପହଞ୍ଚାଉଛି

**ପୁରୀ ଅଫିସ,୧୧।୩:** ବଳିଆପଣ୍ଡାସ୍ଥିତ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର କୃଷି ସମ୍ବନ୍ଧୀୟ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ଯୋଗଦେଇ ରାସାୟନିକ ସାର ବ୍ୟବହାର ଦ୍ୱାରା ମଣିଷର କ୍ଷତି ଘଟୁଛି। ତେଣୁ ଜୈବିକ ସାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ବକ୍ତା ରାଜଯୋଗୀ ବିକେ ରାଜୁ ସମ୍ମିଳନୀର ଉଦ୍ଦେଶ୍ୟ ଓ ପ୍ରଭାଗର ବିଭିନ୍ନ ଯୋଜନା ଏବଂ ଏହାର ସଫଳତା ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରୀୟ ଅଧ୍ୟକ୍ଷା ରାଜଯୋଗିନୀ ବ୍ରହ୍ମାକୁମାରୀ ସରଳା ଦାଦି କୃଷିକ୍ଷେତ୍ରରେ ଜୈବିକ ସାର ସହ ରାଜଯୋଗର ପ୍ରୟୋଗ କିପରି ଶସ୍ୟାଦିର ଉତ୍ପାଦନ ବୃଦ୍ଧି କରୁଛି, ତାହା ଉପରେ ବକ୍ତବ୍ୟ ରଖିଥିଲେ। ମହାରାଷ୍ଟ୍ରର ଅଗ୍ରଣୀ ଚାଷୀ ବିକେ ବାଲାସାହେବ ଓ ଉତ୍ତରପ୍ରଦେଶ ଲକ୍ଷ୍ନୌର କୃଷି ଅଧିକାରୀ ବିକେ ବଦ୍ରି ବିଶାଳ ନିଜର ବହୁବର୍ଷର ଅଭିଜ୍ଞତା ବଖାଣିଥିଲେ। ଏହି ସମ୍ମିଳନୀରେ ପୁରୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା, କୃଷି ଅଧିକାରୀ ସୁରେଶ ଚନ୍ଦ୍ର ନାୟକ, ଜୈବିକ କୃଷି ବିଶେଷଜ୍ଞ ଏ.ଏସ୍. ରାଜପୁତ, ସାଧନା କେନ୍ଦ୍ରର ରାଜଯୋଗିନୀ ଡ. ବିକେ ନିରୁପମା ଅତିଥି ଭାବେ ଯୋଗଦେଇଥିଲେ। ବିକେ ଡା. ସତ୍ୟାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ଧନ୍ୟବାଦ ଦେଇଥିଲେ।

### ସଂସ୍କୃତକୁ ଦ୍ୱିତୀୟ ରାଜଭାଷା ମାନ୍ୟତା ଦିଆଯାଉ

**ପୁରୀ ଅଫିସ,୧୧।୩:** ଭାରତର ୧୭ଟି ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସଂସ୍କୃତର ପ୍ରଚାର ପ୍ରସାର, ଅଧ୍ୟାପନା, ଗବେଷଣା ଜାରି ରହିଛି। ଦେଶ ବିଦେଶରେ ମଧ୍ୟ ସଂସ୍କୃତ ଭାଷା ଉପରେ ଗବେଷଣା ଚାଲିଛି। ସଂସ୍କୃତକୁ ବିଶ୍ୱର ଆଦ୍ୟଭାଷା ଭାବେ ଗ୍ରହଣ କରାଯାଇଛି। ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରୁ ପ୍ରତିବର୍ଷ ହଜାର ହଜାର ଛାତ୍ରୀଛାତ୍ର ପ୍ରାକ୍ ଶାସ୍ତ୍ରୀ, ଶାସ୍ତ୍ରୀ(ସ୍ନାତକ), ଆଚାର୍ଯ୍ୟ(ଏମ୍‌ଏ), ବିଶିଷ୍ଟାଚାର୍ଯ୍ୟ(ଏମ୍‌ଫିଲ), ବିଦ୍ୟାବାରିଧି(ପିଏଚ୍‌ଡି), ଶିକ୍ଷାଶାସ୍ତ୍ରୀ(ବିଏଡ୍), ଶିକ୍ଷା ଆଚାର୍ଯ୍ୟ(ଏମ୍‌ଏଡ୍) ଆଦି ନିୟମିତ ପାଠ୍ୟକ୍ରମ ବ୍ୟତୀତ ଦୂରଶିକ୍ଷା ମାଧମରେ ହଜାର ହଜାର ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ଅନ୍ୟପଟେ ସଂସ୍କୃତ ଶିକ୍ଷାକୁ ରାଜ୍ୟ ସରକାର ଉପେକ୍ଷା କରୁଛନ୍ତି ବୋଲି ସୋମବାର ସଦାଶିବ ପରିସର ସମ୍ମିଳନୀ କକ୍ଷରେ ସଂସ୍କୃତ ବଞ୍ଚାଅ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମଞ୍ଚର ଆବାହକ ବିହାର ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି। ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ପଦବୀ ଖାଲିପଡିଛି। ସରକାରଙ୍କ ଏହି ମନୋଭାବ ଯୋଗୁ ଆଗାମୀ ଦିନରେ ସଂସ୍କୃତ ଭାଷା ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ କମିଯିବ। ସରକାରଙ୍କ ସଂସ୍କୃତମାରଣ ନୀତିକୁ ଆମେ ତୀବ୍ର ନିନ୍ଦା କରୁଛି। ଏ ନେଇ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି। ସଂସ୍କୃତ ଭାଷାକୁ ଓଡ଼ିଶାରେ ଦ୍ୱିତୀୟ ରାଜଭାଷା ଭାବେ ମାନ୍ୟତା ପ୍ରଦାନ ଲାଗି ମଞ୍ଚ ଦାବି କରିଛି। ଖବରଦାତା ସମ୍ମିଳନୀରେ ମଞ୍ଚର ସମ୍ପାଦକ ଡ. ସୁଶାନ୍ତ କୁମାର ରାଜ, ପ୍ରଫେସର ଅଦ୍ୱୈତ ଚରଣ ଧଳ ଓ ପ୍ରଫେସର ବିଜୟ ପାଲ କଚ୍ଛବାହ ପ୍ରମୁଖ ଉପସ୍ଥିତ ଥିଲେ।

### ଇଭିଏମ୍ ସଚେତନତା ଶିବିର



**ଦଶପଲ୍ଲା,୧୧।୩ (ଡି.ଏନ.ଏ.):** ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ତଥା ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଭୋଟରମାନେ ନୂତନ ଭାବେ ଇଭିଏମ୍ ଓ ଭିଭିପିଏଟିରେ ମତଦାନ କରିବା ପାଇଁ ଯାଉଥିବା ବେଳେ ଏହାର ବ୍ୟବହାର ନେଇ ଭୋଟର ମାନଙ୍କୁ ସଚେତନା କରାଯାଉଛି। ଏହି କ୍ରମରେ ଦଶପଲ୍ଲା ପଞ୍ଚାୟତ ସମିତି ସଭାଗୃହ ମଧ୍ୟରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଜିଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ମାନଙ୍କୁ ନେଇ ଏହି ମକ୍‌ପୋଲ ବା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୋଟରମାନେ ନୂଆ କରି ଇଭିଏମ୍ ଓ ଭିଭିପିଏଟିରେ ମତଦାନ କରୁଥିବା ବେଳେ ନାମ ଓ କେଉଁ ଚିହ୍ନରେ ମତଦାନ କରୁଛନ୍ତି ସେ ସମ୍ପର୍କରେ ଜାଣି ପାରିବେ। ଏହି ମକ୍‌ପୋଲ କାର୍ଯ୍ୟକ୍ରମରେ ବିଡିଓ ଦେବୀପ୍ରସାଦ ମହାନ୍ତିଙ୍କ ସମେତ ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଜିପିଓ ଧର୍ମରାଜ ପରିଡା ଓ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ଉପସ୍ଥିତ ଥିଲେ।

# ୨ ପର୍ଯ୍ୟାୟରେ ଜିଲାରେ ହେବ ନିର୍ବାଚନ
# ମତଦାନ କରିବେ ୭ ଲକ୍ଷ ୯୧ ହଜାର ଭୋଟର

**ନୟାଗଡ଼ ଅଫିସ,୧୧।୩**



ଜିଲାପାଳ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

- ଦଶପଲ୍ଲାରେ ଏପ୍ରିଲ ୧୮
- ଖଣ୍ଡପଡ଼ା, ନୟାଗଡ଼ ଓ ରଣପୁରରେ ଏପ୍ରିଲ ୨୩
- ୯୩୬ ବୁଥ୍‌ରେ ମତଦାନ

ନୟାଗଡ଼ ଜିଲାରେ ୨ ପର୍ଯ୍ୟାୟରେ ହେବ ମତଦାନ। ଜିଲାରେ ପ୍ରଥମ (ରାଜ୍ୟରେ ଦ୍ୱିତୀୟ) ପର୍ଯ୍ୟାୟ ଏପ୍ରିଲ୍ ୧୮ରେ କନ୍ଧମାଳ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ। ୧୯ ମାର୍ଚ୍ଚରେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ୨୬ ତାରିଖ ପ୍ରାର୍ଥିପତ୍ର ଦାଖଲ କରିବାର ଶେଷ ଦିନ। ୨୭ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୨୯ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପରେ ଉକ୍ତ ଦିନ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ସେହିଭଳି ଦ୍ୱିତୀୟ (ରାଜ୍ୟରେ ତୃତୀୟ) ପର୍ଯ୍ୟାୟ ୨୩ ଏପ୍ରିଲ୍‌ରେ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଣପୁର, ନୟାଗଡ଼ ବିଧାନସଭା ଓ କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ କରାଯିବ। ଏ ନେଇ ମାର୍ଚ୍ଚ ୨୮ରେ ବିଜ୍ଞପ୍ତି ପ୍ରକାଶ ପାଇବ। ୪ ଏପ୍ରିଲ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ । ୫ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୮ ଏପ୍ରିଲ୍‌ରେ ପ୍ରାର୍ଥିପତ୍ର ପତ୍ୟାହାର ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ୨୩ ମେ ରେ ଭୋଟ ଗଣତି କରାଯିବ। ସୋମବାର ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଉପରୋକ୍ତ ସୂଚନା ଦେଇଛନ୍ତି। ଦଶପଲ୍ଲା ଓ ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀମାନେ ରିଟର୍ନିଂ ଅଧିକାରୀ ଅତିରିକ୍ତ ଜିଲାପାଳଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିବେ। ସେହିପରି ରଣପୁର ଓ ନୟାଗଡ଼ ନିର୍ବାଚନମଣ୍ଡଳୀର ପ୍ରାର୍ଥୀମାନେ ରିଟର୍ନିଂ ଅଧିକାରୀ ଉପଜିଲାପାଳଙ୍କଠାରେ ପ୍ରାର୍ଥିପତ୍ର ଦାଖଲ କରିବେ। ଜିଲାରେ ୯୩୬ଟି ବୁଥ୍‌ରେ ୭ ଲକ୍ଷ ୯୧ ହଜାର ୩୫୬ ମତଦାତା ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ବର୍ତ୍ତମାନ ୧୯ ହଜାର ନୂଆ ଭୋଟର ଆବେଦନ କରିଥିବା ସୂଚନା ଦିଆଯାଇଥିଲା। ୯୩୬ ବୁଥ୍‌ରୁ ୮୯ ବୁଥ୍‌କୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି। ଏହି ବୁଥ୍‌ମାନଙ୍କରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ା କରାଯିବ ବୋଲି ସୂଚନା ମିଳିଛି। ୧୧୦ ବୁଥ୍‌ର ୱେବକାଷ୍ଟିଂ କରାଯିବ, ସେହିଭଳି କିଛି ବୁଥ୍‌ରେ ସିସିଟିଭି ଲଗାଯିବା , କିଛି ବୁଥ୍‌ରେ ସିଆରପିଏଫ ଯବାନମାନେ ସୁରକ୍ଷା ଦାୟିତ୍ୱରେ ରହିବେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ସେ ଦିଗରେ ମଧ୍ୟ ଦୃଷ୍ଟି ଦିଆଯିବ। ଦଳୀୟ କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ ଯୋଗ ଦେଲେ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମତଦାନ ବେଳେ ଯଦି କୌଣସି ଜାଗାରେ କିଛି ଅବ୍ୟବସ୍ଥା ଦେଖାଦିଏ ତାହେଲେ ଉକ୍ତ ସ୍ଥାନରୁ ୫ ମିନିଟ ମଧ୍ୟରେ ସି ଭିଜିଲ (ମୋବାଇଲ୍ ଆପ୍) ମାଧ୍ୟମରେ ଲୋକମାନେ ଅଭିଯୋଗ କରିପାରିବେ। ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ମୁକ୍ତ କରିବା ପାଇଁ ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ୪ଟି ଲେଖାଏ ହିସାବରେ ଜିଲାରେ ୧୬ଟି ସ୍କ୍ୱାର୍ଡ଼ ନିଯୁକ୍ତ କରାଯାଇଛି। ସେହିପରି ବିଭିନ୍ନ ପର୍ଯ୍ୟବେକ୍ଷକମାନେ ମଧ୍ୟ ନିର୍ବାଚନ ତଦାରଖ କରିବେ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ପିଡ଼ି ଅନାମ ଚରଣ ପାତ୍ର, ଏପିଡ଼ି ସନ୍ତୋଷୀ ସାହୁ, ନୟାଗଡ଼ ତହସିଲଦାର ମନୋରଞ୍ଜନ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ଗଣିଆ,୧୧।୩(ଡି.ଏନ.ଏ.)**

ସର୍ବଶିକ୍ଷା ଅଭିଯାନ ତରଫରୁ ଗଣିଆ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ଏକ ଶହରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତୃତୀୟରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ କନିଷ୍ଠ ଓ ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ବରିଷ୍ଠ ବିଭାଗରେ ବିଭକ୍ତ କରାଯାଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୩୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଗଣିଆ ବ୍ଲକ ଶିକ୍ଷାଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣିଆ ସରପଞ୍ଚ ସସ୍ମିତା ଲେଙ୍କା ମୁଖ୍ୟ ଅତିଥି, ସମିତିସଭ୍ୟା ସନ୍ଧ୍ୟାରାଣୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଆରସିସି ପ୍ରଫୁଲ୍ଲ ମିଶ୍ର, ସୁନୀଲ କୁମାର ସାହୁ, ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ଅନାମିକା ମିଶ୍ର, ସୁଲୋଚନା ସାହୁ, ଶିକ୍ଷା ସ୍ୱେଚ୍ଛାସେବୀ ପ୍ରମୋଦ କୁମାର ନାୟକ, ଭରତ ଚରଣ ସାହୁ ଓ ମିନତିବାଳା ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଶିକ୍ଷା ସହ କ୍ରୀଡ଼ା ଓ କଳା କ୍ଷେତ୍ରରେ ନିଜର ଅନ୍ତର୍ନିହିତ ଗୁଣାବଳୀର ବିକାଶ ଓ ପ୍ରତିଭା ଅନ୍ୱେଷଣ ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ବ୍ଲକ ଶିକ୍ଷା ଅଧିକାରୀ କହିଛନ୍ତି।




ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ବଢୁଛି ଅପରାଧ, ଆତଙ୍କିତ ଜନସାଧାରଣ

**ଖଣ୍ଡପଡ଼ା,୧୧।୩(ସ୍ୱ.ପ୍ର.)**



ପୋଲିସ ପାଟ୍ରୋଲିଂ କରୁଛି।

ଖଣ୍ଡପଡ଼ା ଥାନା ଅନ୍ତର୍ଗତ କଣ୍ଟିଲୋ ଫାଣ୍ଡି ଅଧୀନରେ ରହିଛି ଅନ୍ୟତମ ପର୍ଯ୍ୟଟନ କେନ୍ଦ୍ର ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉ ପୀଠ । ଏଠାରେ ଅନେକ ସମୟରେ ବଣଭୋଜିର ଆସର ଜମିବା ସହ ପର୍ଯ୍ୟଟକଙ୍କ ଭିଡ଼ ଦେଖାଦେଇଥାଏ। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ମହାନଦୀର ବାଲୁକା ଶଯ୍ୟା ଓ ଅନ୍ୟପଟେ ସବୁଜ ପର୍ବତ ଦର୍ଶକମାନଙ୍କ ମନ ହରଣ କରିଥାଏ। ତେବେ ଏଠାରେ ଜନ ସମାଗମ ହେଉଥିବାରୁ ଚୋରି, ଡକାୟତି ଓ ରାହାଜାନି ଭଳି ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ତେଣୁ ଏଠାରେ ଜଣ ସାଧାରଣ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବଣଭୋଜିରେ ଆସୁଥିବା ପର୍ଯ୍ୟଟକ ଓ ଛାତ୍ର ମହାନଦୀରେ ବୁଡ଼ି ମୃତ୍ୟୁ ଘଟିବା ଦୃଷ୍ଟିଗୋଚର ମଧ୍ୟ ହେଉଛି। ସୂଚନାଯୋଗ୍ୟ, ନୟାଗଡ଼ ଓ କଟକ ଜିଲା ସୀମାନ୍ତସ୍ଥିତ ମହାନଦୀ ସେତୁ ମଧ ଦେଇ ଆସୁଥିବା ଅନେକ ଅସାମାଜିକ ବ୍ୟକ୍ତି କଟକ ଓ ନୟାଗଡ଼ ଜିଲାରେ ଚୋରି, ଡକାୟତି କରୁଥିବା ନଜିର ରହିଛି। କଣ୍ଟିଲୋ ଫାଣ୍ଡି ଅନ୍ତର୍ଗତ କୁମୁଣ୍ଡି, ଘଣାଶାଳିଆ, ସିଧାମୂଳା ବାଲିଘାଟ, କଣ୍ଟିଲୋ ବଜାର ମଧ୍ୟରେ ଥିବା ଅଳଙ୍କାର ଦୋକାନ, ତେଜରାତି ଦୋକାନ ଓ ବଳରାମପ୍ରସାଦ ଗ୍ରାମ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଜଣେ ବ୍ୟକ୍ତିଙ୍କ ଘରୁ ଚୋରି, ଡକାୟତି ଘଟଣା ସ୍ଥାନୀୟ ଲୋକଙ୍କୁ ଆତଙ୍କିତ କରୁଛି। ଏବେ ଏଟିଏମ୍ ଭଙ୍ଗାଯିବା ସାଧାରଣ ଘଟଣା ପାଲଟିଲାଣି। ଖଣ୍ଡପଡା–ନୟାଗଡ ମୁଖ୍ୟରାସ୍ତାର କଇଁଥପଲ୍ଲୀଠାରେ ଓ କୁମୁଣ୍ଡି ଗ୍ରାମ ନିକଟରେ ଲୁଟେରାମାନେ ବୋମାମାଡ କରି ଲକ୍ଷାଧିକ ଟଙ୍କା ଲୁଟି ନେଇ ଚମ୍ପଟ ମାରୁଥିବା ଏବଂ କଟକ ଜିଲାର ବିଭିନ୍ନ ଅଞ୍ଚଳରୁ ଆସି ଅପରାଧ ଘଟାଇ ସିଧାମୂଳା ସେତୁ ଦେଇ ଫେରାର୍ ହୋଇଯାଉଥିବା ପୋଲିସ ପ୍ରଶାସନଠାରୁ ସୂଚନା ମିଳୁଛି । ତେଣୁ କଣ୍ଟିଲୋ ଫାଣ୍ଡିକୁ ଥାନା ଏବଂ ସିଧାମୂଳାଠାରେ ଏକ ଫାଣ୍ଡି ପ୍ରତିଷ୍ଠା କରିବା ପାଇଁ ଦୀର୍ଘବର୍ଷ ଧରି କଣ୍ଟିଲୋ ନାଗରିକ ମଞ୍ଚ ଓ ବାଣପୁର, ସିଧାମୂଳା, ଘଣାଶାଳିଆ, ବଳରାମ ପ୍ରସାଦ ଆଦି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିବାବେଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷମାନେ କେବଳ ଆଶ୍ୱାସନା ଦେଇ ଆସୁଛନ୍ତି । ସୂଚନାଯୋଗ୍ୟ, ସିଧାମୂଳାଠାରେ ସମ୍ପ୍ରତି କଣ୍ଟିଲୋ ଫାଣ୍ଡିର ମାତ୍ର ୨/୩ ଜଣ ପୋଲିସ କର୍ମଚାରୀ ଓ ହୋମଗାର୍ଡଙ୍କୁ ନିଯୁକ୍ତି ଦିଆଯାଇଛି। ତେଣୁ ଫାଣ୍ଡି ଚଳାଇବାରେ ସମସ୍ୟା ସୃଷ୍ଟି ହେଉଛି। ଏ ସମସ୍ତ ସମସ୍ୟା ଦୃଷ୍ଟିରୁ ତୁରନ୍ତ ସିଧାମୂଳାଠାରେ ଏକ ଫାଣ୍ଡି ପ୍ରତିଷ୍ଠା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**ଫାଣ୍ଡି ପ୍ରତିଷ୍ଠା ଦାବି**

## ବୃଦ୍ଧାଙ୍କୁ ଧକ୍କା ଦେଲା ବାଇକ୍: ଚାଳକ ମୃତ, ୨ ଗୁରୁତର

**ଜଗନ୍ନାଥପ୍ରସାଦ,୧୧।୩(ଡି.ଏନ୍.ଏ.)**

ଜଗନ୍ନାଥପ୍ରସାଦ ଥାନା ଗଣ୍ଡାଧର ନିକଟ ଟିକିଲି ଗ୍ରାମ ଛକରେ ରାସ୍ତାପାର ହେଉଥିବା ଜଣେ ବୃଦ୍ଧାଙ୍କୁ ଏକ ଧକ୍କାଦେଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ନାଉରିଆଗୁଡ଼ା ଗ୍ରାମର ପପୁ ନାୟକ। ବାଇକ୍ ଆରୋହୀ ନାଉରିଆଗୁଡ଼ାର ରଞ୍ଜନ କୁମାର ପ୍ରଧାନ ଓ ରାସ୍ତାପାର ହେଉଥିବା ଟିକିଲି ଗ୍ରାମର ସରଦି ଗୌଡ଼ଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ପ୍ରକାଶ ଯେ, ପପୁ ଓ ରଞ୍ଜନ ବେଲଗୁଣ୍ଠା ପଟୁ ବାଇକକ ଯୋଗେ ନିଜ ଗ୍ରାମ ଅଭିମୁଖେ ଯାଉଥିଲେ। ଟିକିଲି ଗ୍ରାମ ଛକରେ ସେମାନଙ୍କ ବାଇକ୍ ରାସ୍ତା ପାର ହେଉଥିବା ସରଦିଙ୍କୁ ଧକ୍କା ଦେଇଥିଲା। ଫଳରେ ୩ ଜଣ ଯାକ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରଞ୍ଜନ ଓ ସରଦିଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁରପୁ ସ୍ଥାନାନ୍ତର କରାଯାଇଛି। ଥାନା ଏସଆଇ ବାସୁଦେବ ଭୋଇ ପପୁଙ୍କ ମୃତଦେହ ଜବତ କରିଛନ୍ତି। ମଙ୍ଗଳବାର ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି କହିଛନ୍ତି।

## ଗଣିଆ ବଜାରରୁ ହୋର୍ଡିଂ ଉଚ୍ଛେଦ

**ଗଣିଆ, ୧୧।୩ (ଡି.ଏନ.ଏ.)**

ଆସନ୍ତା ନିର୍ବାଚନ ପାଇଁ ରବିବାର ଆଦର୍ଶ ଆଚରଣ ବିଧି ଲାଗୁହେବା ପରେ ସୋମବାର ସକାଳୁ ଗଣିଆ ବଜାରର ବିଭିନ୍ନ ସ୍ଥାନରେ ଲାଗିଥିବା ରାଜନୈତିକ ହୋର୍ଡିଂ, ବ୍ୟାନର ଓ ପୋଷ୍ଟରକୁ ଉଚ୍ଛେଦ କରାଯାଇଛି । ଏଥିସହ ବ୍ଲକ, ତହସିଲ, ପଞ୍ଚାୟତ, ବିଦ୍ୟାଳୟ ପରି ସରକାରୀ କାର୍ଯ୍ୟାଳୟଗୁଡିକରେ ଓ ବଜାର, ଛକ ପରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ରାଜନୈତିକ ବ୍ୟକ୍ତିଙ୍କ ଶୁଭେଚ୍ଛା, ଅଭିନନ୍ଦନ ଏବଂ ବିଭିନ୍ନ ଦଳୀୟ ବ୍ୟାନର ଓ ପୋଷ୍ଟରକୁ ହଟାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ବ୍ଲକ କର୍ମଚାରୀ, ରାଜସ୍ୱ ବିଭାଗ କର୍ମଚାରୀ, ବିଭିନ୍ନ ପଞ୍ଚାୟତର ପିଇଓ, ଜିଆରଏସ୍ ଓ ପୋଲିସ ବିଭାଗ କର୍ମଚାରୀମାନେ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଆଦର୍ଶ ଆଚରଣ ବିଧି ବଳବତ୍ତର ରହିଥିବା ବେଳେ ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।



ଗଣିଆ ବଜାରରୁ ହୋର୍ଡିଂ ଉଚ୍ଛେଦ କରାଯାଉଛି।

## ଶ୍ରୀରାମକୃଷ୍ଣ ପରମହଂସଦେବଙ୍କ ଜନ୍ମୋତ୍ସବ

**ବୋଲଗଡ଼,୧୧।୩(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଟିକାତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମ ପରିସରରେ ସୋମବାର ଶ୍ରୀରାମକୃଷ୍ଣ ପରମହଂସଦେବଙ୍କ ୧୮୪ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସାମୂହିକ ଜପ, ଧ୍ୟାନ ସହିତ ଶିକ୍ଷକ ଦିଲୀପ କୁମାର ପଣ୍ଡାଙ୍କ ଦ୍ୱାରା ଶ୍ରୀରାମକୃଷ୍ଣ କଥାମୃତ ପାଠ କରାଯାଇଥିଲା। ଭକ୍ତ ରାଜକିଶୋର ଛୁଆଳସିଂହ ଭାଗବତ ପଠନ କରିଥିଲେ। ମୁଖ୍ୟଅତିଥି ଭାବେ ପୁରୀ ରାମକୃଷ୍ଣ ମିଶନ ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ଆପ୍ତେଶ୍ୱରାନନ୍ଦଜୀ ମହାରାଜ ଯୋଗଦେଇ ଆଧ୍ୟାତ୍ମିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସେବାଶ୍ରମର ସହ ସମ୍ପାଦକ ସର୍ବେଶ୍ୱର ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସ୍ୱାମୀ ଭାବତାନନ୍ଦପୁରୀ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀସ୍ଥିତ ରାମକୃଷ୍ଣ ମିଶନ ଭକ୍ତ ଧନଞ୍ଜୟ ଦାଶ ଯୋଗଦେଇଥିଲେ ।

## ଇଭିଏମ୍ ଓ ଭିଭିପିଏଟି ସଚେତନତା ଶିବିର

**ଖଣ୍ଡପଡ଼ା,୧୧।୩(ସ୍ୱ.ପ୍ର.)**

ଚଳିତ ନିର୍ବାଚନକୁ ସ୍ୱଚ୍ଛ ତଥା ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଭୋଟରମାନେ ନୂତନ ଭାବେ ଇଭିଏମ୍ ଓ ଭିଭିପିଏଟିରେ ମତଦାନ କରିବେ। ତେଣୁ ଏହାର ବ୍ୟବହାର ନେଇ ଭୋଟରମାନଙ୍କୁ ସଚେତନ କରାଯାଉଛି। ଖଣ୍ଡପଡ଼ା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଅନୁଷ୍ଠିତ ଏହି ଶିବିରରେ ଲୋକ ପ୍ରତିନିଧି, ଗଣମାଧମ ପ୍ରତିନିଧି ଓ ସଚେତନ ନାଗରିକ ଉପସ୍ଥିତ ଥିଲେ । ମତଦାନର ୭ ସେକେଣ୍ଡ ମଧ୍ୟରେ ନିଜର କ୍ରମିକ ନମ୍ବର, ନାମ ଓ କେଉଁ ଚିହ୍ନରେ ମତଦାନ କରୁଛନ୍ତି ସେ ସମ୍ପର୍କରେ ମତଦାତାମାନେ ଜାଣିପାରିବେ ବୋଲି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବିଡିଓ ଗୌରବମୟ ପ୍ରଧାନ ସୂଚନା ଦେଇଥିଲେ। ଏହାଛଡା ଭୋଟରମାନେ କିପରି ଶାନ୍ତିଶୃଙ୍ଖଳା ସହ ସେମାନଙ୍କ ମତଦାନ କରିପାରିବେ ସେ ନେଇ ମଧ୍ୟ ବିଡିଓ ସୂଚନା ଦେଇଥିଲେ । ଏ ସମ୍ପର୍କରେ ଏକ ଡେମୋ ପ୍ରଦର୍ଶିତ ହୋଇଥିଲା । ଏବିଡିଓ ଦୁର୍ଗାମାଧବ ରଥ, ପଞ୍ଚାୟତ ଅଧିକାରୀ ଗୋବିନ୍ଦଚନ୍ଦ୍ର ଦାସ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ଅତିଥି ଓ ଜନସାଧାରଣ।

## ଦୁଇ ମାସ ହେଲା ବିଦ୍ୟାଳୟ ନଳକୂଅ ଅଚଳ

**ରଣପୁର,୧୧।୩(ସ୍ୱ.ପ୍ର.)**



ଅଚଳ ହୋଇପଡ଼ିଥିବା ନଳକୂଅ।



ମୁଖ୍ୟ ରାସ୍ତା ଅତିକ୍ରମ କରି ଛାତ୍ରୀଛାତ୍ରମାନେ ଖାଦ୍ୟ ଥାଳି ଧୋଇବାକୁ ଯାଉଛନ୍ତି।

- ବାସନ ଧୋଇବା, ପାନୀୟ ଜଳ ସମସ୍ୟା
- ପଦକ୍ଷେପ ନ ହେବାରୁ ଅସନ୍ତୋଷ

ରାଜ୍ୟ ଶିକ୍ଷା ବିଭାଗ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ପରିସରରେ ପାନୀୟ ଜଳଠାରୁ ଆରମ୍ଭ କରି ଅନେକ ସୁବିଧା ପ୍ରଦାନ କରୁଛନ୍ତି। ତେବେ ଏଥିପ୍ରତି କେତେଜଣ ବିଭାଗୀୟ ଅଧିକାରୀଙ୍କ ଗୁରୁତ୍ୱ ନ ଥିବାରୁ ଏହାର ସୁଫଳ ପିଲାମାନେ ପାଇପାରୁ ନ ଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୨ ନମ୍ବର ୱାର୍ଡସ୍ଥିତ ହରିଜନ ବସ୍ତି ପ୍ରାଥମିକ ବିଦ୍ୟାଳୟରେ ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । ବିଦ୍ୟାଳୟ ପରିସରରେ ୭ ବର୍ଷ ତଳେ ନିର୍ମିତ ହୋଇଥିବା ଏକ ନଳକୂଅ ୨ ମାସରୁ ଊର୍ଦ୍ଧ୍ୱ ଅଚଳ ହୋଇପଡ଼ିଛି। ଉକ୍ତ ସମସ୍ୟା ନେଇ ପ୍ରଧାନ ଶିକ୍ଷୟିତ୍ରୀ ପାନୀୟ ଜଳ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ପରେ ପାନୀୟ ଜଳ ଓ ବାସନ ମାଜିବା ପାଇଁ ବିଦ୍ୟାଳୟରୁ ମୁଖ୍ୟରାସ୍ତା ଅତିକ୍ରମ କରି ଦୂରକୁ ଯିବାକୁ ପଡୁଛି। ଦୂରରୁ ପାଣି ବୋହି ମଧ୍ୟାହ୍ନ ଭୋଜନ ନିମନ୍ତେ ରୋଷେଇ କରିବାକୁ ମହିଳାମାନେ ମଧ୍ୟ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶ୍ରେଣୀ ଥିବାବେଳେ ୧୦୮ ଜଣ ଛାତ୍ରୀଛାତ୍ର ଅଛନ୍ତି । ସୂଚନାଯୋଗ୍ୟ, ୧୦ ବର୍ଷ ତଳେ ଜଳ ସମସ୍ୟା ଦୂର ପାଇଁ ବିଦ୍ୟାଳୟରେ ବୋରିଂ କରାଯାଇ ଟାଙ୍କିରେ ପାଣି ସଂରକ୍ଷିତ କରାଯାଉଥିଲା। ତେବେ ସେଥିରୁ ମଇଳା ପାଣି ବାହାରିବାରୁ ପ୍ରଶାସନ ତରଫରୁ ଏହାକୁ ବନ୍ଦ କରାଯାଇ କୋଟିଏ ନଳକୂପ ଖନନ କରାଯାଇଥିଲା। ବର୍ତ୍ତମାନ ତାହା ଖରାପ ହୋଇଯିବାରୁ ପାଣି ପାଇଁ ନୟାଗଡ–ରଣପୁର ମୁଖ୍ୟରାସ୍ତା କଡ଼ରେ ଥିବା ନଳକୂପ ଉପରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ନିର୍ଭର କରୁଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ନନ୍ଦ ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷଙ୍କୁ ଉକ୍ତ ସମସ୍ୟା ବିଷୟରେ ଜଣାଇଲେ ମଧ୍ୟ କୌଣସି ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପିଏଚ୍‌ଡି ଉପ ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର ପାଢ଼ୀ ଏ ନେଇ କୁହନ୍ତି, ଏ ବିଷୟରେ ମୁଁ ଜାଣି ନ ଥିଲି, ତୁରନ୍ତ ନଳକୂପଟିକୁ ମରାମତି କରାଯିବା ସହିତ ପିଏଚ୍‌ଡି ତରଫରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ।